# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୫୨ ◆ ଭୁବନେଶ୍ୱର ◆ ସୋମବାର ◆ ଅଗଷ୍ଟ ୧୭ରୁ ଅଗଷ୍ଟ ୨୩, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-52 ◆ Bhubaneswar ◆ Monday ◆ August 17 to August 23, 2026 ◆ Page-8 ◆ Price Rs.4.00


## ବର୍ଷା ଓ ବନ୍ୟାରେ ଲୋକେ କାଉଲୁବାଉଲୁ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରୁ ବନ୍ୟା ଦୁର୍ଦ୍ଦଶା ଯାଇ ନଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହେଉଛି ପଛକୁ ପଛ ଲଘୁଚାପ। ପୁଣି ଆସୁଛି ବଡ଼ ବର୍ଷା।। ଏହା ଉପକୂଳ ଓ ଉତ୍ତର ଓଡ଼ିଶାବାସୀଙ୍କୁ ଆତଙ୍କିତ କରିଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡିଶା ଉପକୂଳରେ ସୃଷ୍ଟି ହୋଇଛି ଲଘୁଚାପ। ଯାହା ଅଧିକ ଘନୀଭୂତ ହେବା ସହ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ସଦୃଶ ଲଘୁଚାପରେ ପରିଣତ ହୋଇଛି । ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଅବପାତରେ ପରିଣତ ହେବାର ଖୁବ୍ ସମ୍ଭାବନା ରହିଛି। ପ୍ରଭାବରେ ଆସନ୍ତା ୫ ଦିନ ସାରା ରାଜ୍ୟରେ ବର୍ଷା ସହ ୪୮ ଘଣ୍ଟା ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ୨୦ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ। ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ୪୦ ରୁ ୫୦ କିମି ପବନ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନାକୁ ନେଇ ସମୁଦ୍ର ଆସନ୍ତା ରହିବ ୧୬ ରୁ ୧୮ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।



ତେବେ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ବଢ଼ିଛି। ରାସ୍ତାରେ ସୁଅ କାଟୁଛି ବନ୍ୟା ଜଳ। କେଉଁଠି ଅଣ୍ଟାଏ ତ ଆଉ କେଉଁଠି ଆଣ୍ଠୁଏ। ଲଗାତର ବନ୍ୟା ସ୍ଥିତିରେ କାଉଲୁବାଉଲୁ ଲୋକେ। ଅନୁଗୁଳ ଜିଲ୍ଲା ପାଲଲହଡ଼ାରେ ରାତି ସାରା ଲଗାଣ ବର୍ଷା ପରେ ଆଜି ସକାଳୁ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ସ୍ଥାନୀୟ କଂଟିଆପଶି ବଜାର। ପାଣିରେ ବୁଡ଼ିଛି ସ୍କୁଲ, କଲେଜ୍, ଅଫିସ, ଡାକ୍ତରଖାନା। ଏପଟେ ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ଘୁ ଘୁ ପାଣି ଚାଲୁଥିବାରୁ ରାସ୍ତାରେ ଯାତାୟତ ଠପ୍।

ବାଲେଶ୍ୱର ସହର ମୋତିଗଞ୍ଜ ପରିବା ମାର୍କେଟରେ ହାଟ ଚାଲୁଥିବା ବେଳେ ହଠାତ ମାଡ଼ିଛି ବର୍ଷା ଜଳ। ଆଉ ସେଇ ଅବସ୍ଥାରେ ହିଁ ବେପାର କରିବାକୁ ବାଧ୍ୟ ବ୍ୟବସାୟୀ। କାରଣ ପାଣି ଯିବାକୁ ବାଟ ନାହିଁ। ଆଣ୍ଠୁଏ ଆଣ୍ଠୁଏ ପାଣିରେ କିଣାକିଣି କରୁଛନ୍ତି ଗ୍ରାହକ। ଏପଟେ ବ୍ରାହ୍ମଣୀରେ ବନ୍ୟା ତଳମୁଣ୍ଡରେ ବର୍ଷା ପରେ ପଟ୍ଟାମୁଣ୍ଡାଇ ସହରର ଜଳାର୍ଣ୍ଣବ ସ୍ଥିତି। ରେଙ୍ଗାଲୀ ଡ୍ୟାମ ଖୋଲିବା ପରେ ଆଳି ଓ କେନ୍ଦ୍ରାପଡ଼ା ଅଞ୍ଚଳରେ ଦ୍ୱିତୀୟ ଥର ପାଇଁ ବନ୍ୟା ଜଳ ପଶିଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

ଏପଟେ ଭଦ୍ରକ ଜିଲ୍ଲାରେ ତଳିଆ ଓ ନଦୀ କୂଳିଆ ଅଞ୍ଚଳ ଲୋକଙ୍କ ପିଛା ଛାଡୁନି ବନ୍ୟା ବିପତ୍ତି। ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଳଗ ପଞ୍ଚାୟତର ବିଭିନ୍ନ ଗାଁରେ ଦ୍ୱିତୀୟ ଥର ପାଇଁ ପଶିଛି ବୈତରଣୀର ଦ୍ୱିତୀୟ ବନ୍ୟାଜଳ। ଫଳରେ ପୂର୍ବରୁ ଯାହା କିଛି ବଞ୍ଚିଥିଲା, ଏଥର ସେ ସବୁକୁ ପୋଛି ନେଇଛି ବନ୍ୟାର ଆଁ। ସେପଟେ ୩ ଦିନ ହେବ ଆଖଣ୍ଡଳମଣି-କୁଆଖିଆ ୨୦ ନମ୍ବର ଜାତୀୟ ରାଜପଥ ସହ ଆରଡି-ଚାନ୍ଦବାଲି, ଆରଡି-ଧାନଖଣିଆ ମଟୋ ଆଦି ରାସ୍ତାରେ ୪-୫ ଫୁଟ ପାଣି ପରେ ଯିବା ଆସିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ୍। ତେଣେ ଯାଜପୁର ଜିଲ୍ଲାରେ ବୈତରଣୀ ପୁଣି ବିପଦ ସଙ୍କେତ ଟପିବାରୁ ଶାଖା କାଣୀ ନଦୀରେ ଆଜି ଆଉ ଗୋଟିଏ ସ୍ଥାନରେ ନଦୀ ବନ୍ଧ ଧସିଛି।

ଏପଟେ ଦଶରଥପୁର ବ୍ଲକ୍ ଅଞ୍ଚଳରେ ସପ୍ତାହ ସପ୍ତାହ ଧରି ବନ୍ୟା କଳବରୁ ମିଳିପାରୁନି ମୁକ୍ତି। ପ୍ରବଳ ବର୍ଷାରୁ ଏପଟେ ପର୍ଯ୍ୟଟନ ସହର ପୁରୀରେ ବି ଅଚଳାବସ୍ଥା। ସହରର ବିଭିନ୍ନ ସାହି, ବସ୍ତି ଓ ମୁଖ୍ୟ ରାସ୍ତାରେ ଜଳାବନ୍ଦୀ ସ୍ଥିତି। ସହରରେ ଡ୍ରେନେଜ୍ ବ୍ୟବସ୍ଥା ଅକାମୀ ହୋଇଥିବାରୁ ବଡ଼ ବର୍ଷାରେ ଜଳ ପ୍ରଳୟର ସାମ୍ନା କରୁଛନ୍ତି ସହରବାସୀ। ରାଜ୍ୟରେ ଲଗାଣ ବର୍ଷା ଓ ଲଗାତର ବନ୍ୟା ସ୍ଥିତିର ମୁକାବିଲା ନେଇ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏଥର ବନ୍ୟାରେ ରାଜ୍ୟର ୪୯ ବ୍ଲକର ୩୩୧ ପଞ୍ଚାୟତ ଅଧୀନ ୯୪୭ ଗାଁ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ହୋଇଛନ୍ତି ୫ ଲକ୍ଷ ୧୫ ହଜାର ଲୋକ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ପାଇଁ ୪ଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ସହ ସବୁ ଜିଲ୍ଲାପାଳଙ୍କୁ ଆଗୁଆ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଓ ବନ୍ୟା ପାଇଁ ସରକାରୀ ଅଫିସରଙ୍କ ଛୁଟି ବାତିଲ କରାଯାଇଛି। ଭଦ୍ରକ, ବାଲେଶ୍ୱର, ଯାଜପୁରକୁ ୩ ବରିଷ୍ଠ ଅଫିସର ଯାଇ ବନ୍ୟା ସ୍ଥିତି ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଦାୟିତ୍ୱରେ ଆଇଏଏସ୍ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଦାୟିତ୍ୱରେ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ପି. ଅନ୍ୱେଷା ରେଡ୍ଡୀଙ୍କୁ ଯାଜପୁର ଦାୟିତ୍ୱ ଦିଆଯାଇଛି।

## ଦାୟିତ୍ୱ ନେଲେ ଅନ୍ତରୀଣ ଡିଜିପି

ଭୁବନେଶ୍ୱର,(ଜା.ପ୍ର): ବିନୟତୋଷ ମିଶ୍ର କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଠାରୁ ଓଡ଼ିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ତାଙ୍କୁ "ଗାର୍ଡ ଅଫ୍ ଅନର" ପ୍ରଦାନ କରାଯାଇଥିଲା। ପରେ ଶ୍ରୀ ମିଶ୍ର ଶହିଦ ସ୍ମୃତିସ୍ତମ୍ଭ ଠାରେ ମାଲ୍ୟାର୍ପଣ କରି ଶହିଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଶ୍ରୀ ମିଶ୍ର କ୍ରାଇମବ୍ରାଞ୍ଚ ଡିଜି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ମିଶ୍ର ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଏହା ଏକ ଗୁରୁ ଦାୟିତ୍ୱ ବୋଲି ପ୍ରକାଶ କରି ଏହାକୁ ନିଷ୍ଠାର ସହ ସମ୍ପାଦନ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ। ପ୍ରାୟ ଦୁଇ ବର୍ଷ ଧରି ଡିଜିପି, କ୍ରାଇମ୍ ବ୍ରାଞ୍ଚ ଭାବେ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ନିରନ୍ତର ପ୍ରୟାସ କରାଯାଇଥିବା ସେ କହିଥିଲେ। ନାରୀ ସୁରକ୍ଷା, ସଂଗଠିତ ଅପରାଧ ଦମନ, ନିଶାମୁକ୍ତ ଓଡ଼ିଶା ଗଠନ ଏବଂ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା ପୁଲିସର ପ୍ରାୟ ୬୦ ହଜାର ପୁଲିସ କର୍ମଚାରୀ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସମସ୍ତ ଜିଲ୍ଲାରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ସୁନିଶ୍ଚିତ କରିବେ ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ଓଡ଼ିଶା ପୁଲିସର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସଚ୍ଚୋଟତା ଓ ଦାୟିତ୍ୱବୋଧର ସହ କର୍ତ୍ତବ୍ୟ ସମ୍ପାଦନ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ପୁଲିସସ କେବଳ ଏକ ଚାକିରି ନୁହେଁ, ଏହା ଏକ ମହତ୍ ସେବା ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ସେ ଆହ୍ୱାନ ଦେଇଥିଲେ।



## ‘ଏଭଳି ପାପକୁ ଦେଶବାସୀ ବି କ୍ଷମା କରିବେନି’

ନୂଆଦିଲ୍ଲୀ,(ଏଜେନ୍ସି): କଂଗ୍ରେସର ଦିଲ୍ଲୀ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉତ୍ତୋଳନ ପୂର୍ବରୁ ‘ବନ୍ଦେ ମାତରମ୍’ ଗାନ କରାଯାଉଥିବା ବେଳେ ଏହାକୁ ଅଧାରୁ ରୋକିବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗ କରି ସୋନିଆ ଗାନ୍ଧିଙ୍କୁ କଡ଼ା ସମାଲୋଚନା କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ସୋନିଆ ଗାନ୍ଧି କରିଥିବା ଏହି ପାପକୁ ଦେଶବାସୀ କ୍ଷମା କରିବେ ନାହିଁ ବୋଲି ସେ କହିଛନ୍ତି।

ରାଜସ୍ଥାନର ଚିତ୍ତୋଡ଼ଗଡ଼ରେ ଏକ ଜନସଭାକୁ ସମ୍ବୋଧିତ କରି ଶାହ ଅଭିଯୋଗ କରିଛନ୍ତି, ସେମାନଙ୍କର (କଂଗ୍ରେସର) ନିର୍ଲଜ୍ଜତା ଦେଖନ୍ତୁ। କଂଗ୍ରେସ ଦଳର ମୁଖ୍ୟାଳୟରେ ‘ବନ୍ଦେ ମାତରମ୍’ ଗାନ କରାଯାଉଥିଲା। ଏହି ସମୟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି କଂଗ୍ରେସ ସଭାପତିଙ୍କୁ ଏହାକୁ ବନ୍ଦ କରିବାକୁ କହିଥିଲେ। ଆମେ ସମସ୍ତେ ଟିଭିରେ ଏହାକୁ ଦେଖିଲେ। ସେ ଆହୁରି କହିଛନ୍ତି, ସୋନିଆ ଜୀ, ୧୪୦ କୋଟି ଦେଶବାସୀ ଆପଣଙ୍କୁ ଦେଖୁଛନ୍ତି। ଆପଣ କରିଥିବା ଏହି ପାପକୁ ଦେଶବାସୀ କେବେ ବି କ୍ଷମା କରିବେ ନାହିଁ। ‘ବନ୍ଦେ ମାତରମ୍’ ଗୀତକୁ ଅଧାରୁ ଛାଡ଼ିବା କଥା କେହି ସ୍ୱପ୍ନରେ ସୁଦ୍ଧା କିପରି ଭାବିପାରିବେ କଂଗ୍ରେସ ଲୋକମାନେ ଲଜ୍ଜିତ ହେବା ଉଚିତ। ଏହାସହ କଂଗ୍ରେସ ଦେଶବାସୀଙ୍କୁ ଏବଂ ‘ବନ୍ଦେ ମାତରମ୍’ର ରଚୟିତା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁ ବୋଲି ଶାହ ଦାବି କରିଛନ୍ତି।

କଂଗ୍ରେସ ମୁଖ୍ୟାଳୟର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରୁ କିଛି ଭିଡିଓ ସାମ୍ନାକୁ ଆସିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା, ଯେଉଁଥିରେ ‘ବନ୍ଦେ ମାତରମ୍’ ଗାନ ସମୟରେ ବରିଷ୍ଠ କଂଗ୍ରେସ ନେତାମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଜେପି ନେତାମାନେ ଦାବି କରିଥିଲେ ଯେ ଏହି ଆଚରଣ ଜାତୀୟ ଗୀତ ପ୍ରତି ଅବମାନନା। ଅନ୍ୟପକ୍ଷରେ ସୋନିଆ ଗାନ୍ଧୀଙ୍କ ବିରୋଧରେ କର୍ଣ୍ଣାଟକର ମାଙ୍ଗାଲୁରୁର ଉର୍ଭା ପୁଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରାଯାଇଛି। ବିଜେପି ନେତା ବିକାଶ ପୁତ୍ତୁର ଦଳୀୟ କର୍ମୀଙ୍କ ସହିତ ପୁଲିସ ଷ୍ଟେସନରେ ପହଞ୍ଚି ଅଭିଯୋଗ ଦାଖଲ କରିଛନ୍ତି।

## ଓସିଏସ୍ ପରୀକ୍ଷାରେ ଆଉ ରହିବନି ୬ ସୁଯୋଗ

ଭୁବନେଶ୍ୱର,(ଜା.ପ୍ର): ଏଣିକି ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍) ପରୀକ୍ଷାରେ ଆଉ ରହିବନି ୬ଟି ସୁଯୋଗ। ଆଶାୟୀମାନେ ସେମାନଙ୍କ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ପରୀକ୍ଷା ଦେଇପାରିବେ। ସରକାରୀ ଚାକିରି ପାଇଁ ଆବେଦନକାରୀଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ପାଇଁ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ଥିବା ସର୍ବାଧିକ ୬ଟି ସୁଯୋଗକୁ ଉଠାଇ ଦେବା ନେଇ ଘୋଷଣା କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରରେ ପାଳିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅର୍ଥାତ୍ ଗୋଟିଏ ନିର୍ଦ୍ଦିଷ୍ଟ ସୁଯୋଗରେ ଅଟକି ରହିବନି ସ୍ୱପ୍ନ। ବୟସ ସୀମା ଭିତରେ ଥିଲେ, ବାରମ୍ବାର ନିଜକୁ ପ୍ରମାଣ କରିବାର ସୁଯୋଗ ମିଳିବ।ସବୁ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ଏବଂ ଦୁର୍ନୀତିମୁକ୍ତ ପରୀକ୍ଷା ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ପରୀକ୍ଷାରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ହେଲେ, ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଜାତୀୟ ଚେତନା
JATIYA CHETANA



## ଲାଲକିଲ୍ଲାରୁ ସପ୍ତଧାରା ଭିଜନ୍ ଦେଖାଇଲେ ମୋଦୀ

# 'ଏବେ ବଡ଼ ସ୍ୱପ୍ନ ଦେଖିବାକୁ ହେବ'

ନୂଆଦିଲ୍ଲୀ,(ଏଜେନ୍ସି): 'ଏବେ, ଛୋଟ ସ୍ୱପ୍ନ ଦେଖିଲେ ଚଳିବ ନାହିଁ। ଆମକୁ ବଡ଼ ସ୍ୱପ୍ନ ଦେଖିବାକୁ ହେବ, କାରଣ ବଡ଼ ସ୍ୱପ୍ନ ଆମର ବିଚାରକୁ ପ୍ରସାରିତ କରେ, ତାହା ଆମର ବିଚାରଧାରାର ଦିଗବଳୟକୁ ଆହୁରି ବିସ୍ତୃତ କରେ। ଏହା ହିଁ ଆମର ସଂକଳ୍ପ ହେବା ଉଚିତ। ସଂକଳ୍ପ ଦୃଢ଼ ହେଲେ, କଷ୍ଟକର ପରିସ୍ଥିତି ଏବଂ ବିପତ୍ତି ମଧ୍ୟରୁ ବାଟ କାଢ଼ିବାର ସାମର୍ଥ୍ୟ ଆପେ ଆପେ ପ୍ରକଟ ହୋଇଥାଏ। ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଭାରତ। ଏଥିପାଇଁ ଆମକୁ ଆତ୍ମନିର୍ଭରତାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଦେଶର ସାମଗ୍ରିକ ଉତ୍ପାଦନ କ୍ଷମତା ବଢ଼ାଇବାକୁ ହେବ। ବିକଶିତ ଭାରତ ପାଇଁ ଦେଶବାସୀଙ୍କୁ ବଡ଼ ସ୍ୱପ୍ନ, ବଡ଼ ସଂକଳ୍ପ ଓ ବଡ଼ ଲକ୍ଷ୍ୟ ନେବାକୁ ହେବ। ସ୍ୱାଧୀନତା ଦିବସରେ ଏହି ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସ୍ୱାଧୀନତା ଦିବସ ଉପଲକ୍ଷେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।

ଲାଲକିଲ୍ଲାରେ ଚଳିତ ବର୍ଷର ସ୍ୱାଧୀନତା ଦିବସ ପାଳନ ଅନେକ ଦୃଷ୍ଟିରୁ ଐତିହାସିକ।



ପ୍ରଥମ ଥର ପାଇଁ ଲାଲକିଲ୍ଲାର ପ୍ରାଚୀରରୁ "ବନ୍ଦେ ମାତରମ୍" ଗାନ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ଏବଂ ଲାଲକିଲ୍ଲାରେ ଉପସ୍ଥିତ ଅନ୍ୟ ଅତିଥିମାନେ "ବନ୍ଦେ ମାତରମ୍" ଗାନ ସମୟରେ ସାବଧାନରେ ଠିଆ ହୋଇ ଗୀତକୁ ସମ୍ମାନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ତା'ପରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ଲାଲକିଲ୍ଲା ପରିସର ଜାତୀୟ ସଙ୍ଗୀତର ସ୍ୱରରେ ପ୍ରକମ୍ପିତ ହୋଇଥିଲା।

ଭାରତର ବିକାଶର ମୂଳ ଆଧାର ହେବ ଆତ୍ମନିର୍ଭରତା ଓ ସ୍ୱଦେଶୀ ଉତ୍ପାଦନ। 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟକୁ ପୁଣି ଦୋହରାଇବା ସହ ଯୁବଶକ୍ତିଠାରୁ ଆରମ୍ଭ କରି ଏଆଇ, ସେମିକଣ୍ଡକ୍ଟର, ପରମାଣୁ ଶକ୍ତି, ଜାତୀୟ ସୁରକ୍ଷା...ପ୍ରାୟ ସବୁ କ୍ଷେତ୍ର ପାଇଁ ରୋଡମ୍ୟାପ୍ ରଖିଛନ୍ତି ପିଏମ ମୋଦୀ। ଏଥିପାଇଁ ସପ୍ତଧାରା ଶକ୍ତିର ଭିଜନ ରଖିଛନ୍ତି। ଯେଉଁ ସପ୍ତଧାରା ଶକ୍ତି ବିଷୟରେ ମୋଦୀ ଉଲ୍ଲେଖ କରିଛନ୍ତି ସେଗୁଡ଼ିକ ହେଲା ୧-ଉତ୍ପାଦନ କ୍ଷମତା, ୨- କୃଷି ଓ ଖାଦ୍ୟ ଉତ୍ପାଦନ, ୩-ଟେକ୍ନୋଲୋଜି ଓ ଇନୋଭେନସନ୍, ୪-ଗତି ଶକ୍ତି, ୫-ପ୍ରତିରକ୍ଷା ଶକ୍ତି, ୬-ଗ୍ରୀନ୍ ଇକୋନମି ଓ ବ୍ଲୁ ଇକୋନମୀ, ୭- ଭାରତର ସଫ୍ଟ ପାୱାର । ଆସନ୍ତା ୫ରୁ ୭ ବର୍ଷ ଭିତରେ ଏହି ସପ୍ତଧାରା ଶକ୍ତି ଦେଶକୁ ନୂଆ ଗତି ଦେବା ସହ ନୂଆ ଲକ୍ଷ୍ୟକୁ ପାର କରି ଆହୁରି ଶୀର୍ଷକୁ ନେଇଯିବ ବୋଲି ମୋଦୀ କହିଛନ୍ତି।

ଭାରତର ଭବିଷ୍ୟତ ଅର୍ଥନୀତିକୁ ଆହୁରି ମଜଭୁତ କରିବା ପାଇଁ କ୍ରିଟିକାଲ୍ ମିନେରାଲ୍ସ, ଶକ୍ତି ଓ ସେମିକଣ୍ଡକ୍ଟର ଉପରେ ବିଶେଷ ଫୋକସ୍ ଦେଇଛନ୍ତି ମୋଦୀ। ଚିପ୍ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଲାଗି ଆଗାମୀ ବର୍ଷଗୁଡ଼ିକରେ ଦେଶରେ ଏକାଧିକ ସେମିକଣ୍ଡକ୍ଟର ପ୍ଲାଣ୍ଟ ଗଠନ ଏବଂ ଏନର୍ଜି ସିକ୍ୟୁରିଟି ପାଇଁ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି ଉତ୍ପାଦନ ଲକ୍ଷ୍ୟ ନେଇ ଆଗକୁ ବଢ଼ିବାର କଥା ସେ କହିଛନ୍ତି ।

ଲାଲକିଲ୍ଲାର ପ୍ରାଚୀରରୁ ମୋଦୀ ୨୦୩୦ ମସିହାରେ ଭାରତରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୩୬ର ସମ୍ଭାବ୍ୟ ଅଲିମ୍ପିକ୍ସ ଆୟୋଜନ ଦାବିଦାରି ପ୍ରସଙ୍ଗ ବି ଉଠାଇଛନ୍ତି। ଆଉ ଏହି ଦୁଇ କ୍ରୀଡ଼ା ପ୍ରତିଯୋଗିତାକୁ ଆଖିରେ ରଖି ଦେଶବ୍ୟାପୀ ଟ୍ୟାଲେଣ୍ଟ ହଣ୍ଟ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ମହିଳା ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ। କହିଛନ୍ତି, ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନାରୀ ଶକ୍ତିର ଅଧିକ ଯୋଗଦାନ ଲାଗି ଆମେ ନାରୀ ଶକ୍ତି ବନ୍ଦନ ବିଲ୍ ପାରିତ କରିଥିଲୁ। କିନ୍ତୁ ଗତ ୪୦ ବର୍ଷରେ ଏହା ରାଜନୈତିକ ଆଖଡାର କେନ୍ଦ୍ର ପାଲଟିଛି। ନାରୀମାନଙ୍କୁ ଅଧିକ ନେତୃତ୍ୱ ଦେବା ପାଇଁ ମହିଳା ସଂରକ୍ଷଣ ବିଲକୁ କାର୍ଯ୍ୟକାରୀ କରିବାକୁ ସବୁ ରାଜନୈତିକ ଦଳଗୁଡ଼ିକୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି।

ସେହିପରି ଦେଶର ପ୍ରତିରକ୍ଷା କ୍ଷେତ୍ରର ସାମର୍ଥ୍ୟ ବଢିଥିବା ଉଲ୍ଲେଖ କରି ମୋଦୀ କହିଛନ୍ତି, ବଦଳୁଥିବା ସମୟରେ ଅସ୍ତ୍ରଶସ୍ତ୍ର ଭଳି କାମ କରିବା ଦରକାର। ସୈନ୍ୟବାହିନୀର ସାମର୍ଥ୍ୟ ବଢାଇବା ଜରୁରୀ। ଏଥିସହ ନାଗରିକଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡ଼ିବ। ସିଭିଲ୍ ଡିଫେନ୍ସ କଥା ଉଠାଇ ସେ କହିଛନ୍ତି ବିଗତ ଶତାବ୍ଦୀର ଯୁଦ୍ଧ ଅନୁଯାୟୀ ଦେଶରେ ଥିବା ସିଭିଲ ଡିଫେନ୍ସ ବ୍ୟବସ୍ଥା ଏବେ ପୁରୁଣା ହୋଇଗଲାଣି। ଆଗାମୀ ଦିନରେ ଦେଶରେ ସିଭିଲ ଡିଫେନ୍ସର ଭାଇବ୍ରେଣ୍ଟ ନେଟୱର୍କ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି ମୋଦୀ। ଏମାନଙ୍କୁ ଅତ୍ୟାଧୁନିକ ବ୍ୟବସ୍ଥା ବାବଦରେ ଅବଗତ କରାଯିବ। ବର୍ତ୍ତମାନ ଦେଖା ଦେଉଥିବା ଚାଲେଞ୍ଜଗୁଡ଼ିକୁ ସାମ୍ନା କରିବା ଲାଗି ଏକ ବିଶାଳ ଭଲ୍ୟୁଣ୍ଟର ଫୋର୍ସର ନେଟୱର୍କକୁ ପ୍ରସ୍ତୁତ କରାଯିବ ବୋଲି ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଲଗାତର ୧୩ଥର ଲାଗି ଲାଲକିଲ୍ଲାରୁ ସ୍ୱାଧୀନତା ଦିବସର ଅଭିଭାଷଣ ଦେଇଛନ୍ତି। ଜବାହାରଲାଲ ନେହରୁଙ୍କ ପରେ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି।

# ୩ ବିଷୟରେ ପୁନଃ ପରୀକ୍ଷା ଘୋଷଣା

ନୂଆଦିଲ୍ଲୀ,(ଏଜେନ୍ସି): ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ୟୁଜିସି-ନେଟ୍‌ର ଇଂରାଜୀ, କମର୍ସ (ବାଣିଜ୍ୟ) ଏବଂ ସୋସିଓଲୋଜି (ସମାଜଶାସ୍ତ୍ର) ପ୍ରଶ୍ନପତ୍ରରେ ବହୁସଂଖ୍ୟକ ତ୍ରୁଟି ଏବଂ ପ୍ରଶ୍ନର ପୁନରାବୃତ୍ତି ହୋଇଥିବା ସ୍ୱୀକାର କରିଛି। ଏହି ତ୍ରୁଟିଗୁଡ଼ିକ ଏତେ ବ୍ୟାପକ ଯେ କେବଳ ଉତ୍ତର ସଂଶୋଧନ ଦ୍ୱାରା ଏହାର ସମାଧାନ ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଏହି ତିନୋଟି ବିଷୟ ପାଇଁ ପୁନଃ ପରୀକ୍ଷା କରାଇବାକୁ ଏନ୍‌ଟିଏ ନିଷ୍ପତ୍ତି ନେଇଛି। ଏହି ପୁନଃ ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୯ ଏବଂ ୧୦ ତାରିଖରେ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୯ ତାରିଖ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଇଂରାଜୀ ଏବଂ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କମର୍ସ ପରୀକ୍ଷା ହେବ। ସେହିପରି ସେପ୍ଟେମ୍ବର ୧୦ ତାରିଖ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ସୋସିଓଲୋଜି ପରୀକ୍ଷା କରାଯିବ। ଏହି ପୁନଃ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କଠାରୁ କୌଣସି ଅତିରିକ୍ତ ଫି' ନିଆଯିବ ନାହିଁ। ଜୁନ୍ ମାସରେ ଅନୁଷ୍ଠିତ ଏହି ପରୀକ୍ଷାର ପ୍ରାୟ ସାତ ସପ୍ତାହ ପରେ ଏନ୍‌ଟିଏ ୮୪ଟି ବିଷୟ ପାଇଁ ପ୍ରୋଭିଜନାଲ୍ ଆନ୍ସର-କି ଜାରି କରିଥିବା ବେଳେ ଏହି ତିନୋଟି ବିଷୟର ଆନ୍ସର-କି ସ୍ଥଗିତ ରଖିଥିଲା। ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯେ, ବହୁ ସଂଖ୍ୟକ ଅଭିଯୋଗ ମିଳିବା ପରେ ଗଠିତ ଏକ ବିଶେଷଜ୍ଞ କମିଟି ପ୍ରଶ୍ନପତ୍ରର ଅନୁଧ୍ୟାନ କରିଥିଲେ। ଏଥିରେ ଅନେକ ତଥ୍ୟଗତ, ଟାଇପିଂ, ଅନୁବାଦଗତ ତ୍ରୁଟି ସହ ବିଶିଷ୍ଟ ବିଦ୍ୱାନଙ୍କ ନାମ ଭୁଲ୍ ଲେଖାଯିବା, ବହିର ଶୀର୍ଷକ ବିଗାଡ଼ି ଦିଆଯିବା, ଭୁଲ୍ ବାକ୍ୟ ଗଠନ, ବ୍ୟାକରଣଗତ ତ୍ରୁଟି ଏବଂ ପ୍ରଚଳିତ ଧାରଣା ପାଇଁ ଅସଂଗତ ଶବ୍ଦର ବ୍ୟବହାର ହୋଇଥିବା କମିଟି ଦର୍ଶାଇଛନ୍ତି। ଏହା ସହିତ ପୂର୍ବ ପରୀକ୍ଷାର ଅନେକ ପ୍ରଶ୍ନର ପୁନରାବୃତ୍ତି ହୋଇଥିବା ମଧ୍ୟ ଜଣାପଡ଼ିଛି।

# ଗଣତନ୍ତ୍ର ଏବଂ ସମ୍ବିଧାନ ଆମର ମୂଳଶକ୍ତି: ରାଷ୍ଟ୍ରପତି

ନୂଆଦିଲ୍ଲୀ,(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୮୦ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଶୁକ୍ରବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଦେଶବାସୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ପୂର୍ବକ ସେ ନିଜ ସମ୍ବୋଧନରେ କହିଛନ୍ତି ଏହା ଆନନ୍ଦ ଏବଂ ଉତ୍ସାହର ସମୟ; କିନ୍ତୁ ଏହା ଆମ ପାଇଁ ଆତ୍ମସମୀକ୍ଷା ଏବଂ ସଙ୍କଳ୍ପ ନେବାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢୁଛୁ। ନାଗରିକମାନେ ରାଷ୍ଟ୍ର ପାଇଁ ସଦାସର୍ବଦା ଜାଗ୍ରତ ରୁହନ୍ତୁ। ଆମର ଛାତ୍ରଛାତ୍ରୀମାନେ ଭାରତର ଭବିଷ୍ୟତ ନିର୍ମାତା। ଯେଉଁଭଳି ଭାବେ ଜାତୀୟ ସୁରକ୍ଷା ପାଇଁ ସରକାର ଓ ସମାଜ ଏକଜୁଟ ହେବା ଜରୁରୀ, ସେହିପରି ବିଦ୍ୟାର୍ଥୀମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତର ସୁରକ୍ଷା ପାଇଁ ମଧ୍ୟ ସମସ୍ତଙ୍କର ସମ୍ମିଳିତ ପ୍ରୟାସ ଜରୁରୀ। ଏଥିସହ ନିକଟ ଅତୀତରେ ଦେଶରେ ଦେଖାଦେଇଥିବା ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦେଶବାସୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ରାଷ୍ଟ୍ରପତି କହିଛନ୍ତି ଯେ ପରୀକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ତାଙ୍କ ସରକାର ପ୍ରୟାସ କରୁଛନ୍ତି।

ରାଷ୍ଟ୍ରପତି ଶ୍ରମତୀ ମୁର୍ମୁ ନିଜ ଭାଷଣରେ ମୁଖ୍ୟତଃ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ କହିଛନ୍ତି। ମୁର୍ମୁଙ୍କ କହିଛନ୍ତି ଯେ ଗୋଟିଏ ଦଶନ୍ଧିରେ ଭାରତରେ ଦ୍ରୁତ ବିକାଶ ହୋଇଛି। ଆମ ସମ୍ବିଧାନ ଜନଭାଗୀଦାରୀ ଉପରେ ଆଧାରିତ। ସେହି ଭାବନାକୁ ଆମ ଦେଶବାସୀ ଆଗକୁ ବଢ଼ାଉଛନ୍ତି, ଏହା ଆମ ଗଣତନ୍ତ୍ରର ସଫଳତା। ଏବେଠାରୁ କିଛି ଘଣ୍ଟା ପରେ ଆମ ଦେଶର ସ୍ୱାଧୀନତାର ୮୦ତମ ବର୍ଷ ଶୁଭାରମ୍ଭ ହେବ। ଦେଶ-ବିଦେଶରେ ରହୁଥିବା ସମସ୍ତ ଭାରତୀୟ ଏହି ପର୍ବକୁ ଉତ୍ସାହର ସହ ପାଳନ କରନ୍ତି। ଆମ ତ୍ରିରଙ୍ଗା ଆମ ସ୍ୱାଧୀନତାର ପ୍ରତୀକ। ଏହାକୁ ଆମେ ପୂର୍ଣ୍ଣ ଗୌରବର ସହ ଉଡ଼ାଇଥାଉ। ୧୫ ଅଗଷ୍ଟ ୧୯୪୭ ଦିନ ଭାରତ ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଥିଲା। ସମସ୍ତ ଦେଶବାସୀ ସ୍ୱାଧୀନ ଭାରତର ଭାଗ୍ୟ ନିର୍ମାତା ହୋଇଥିଲେ। ଏବେ ନିଷ୍ଠାପର ବିଦ୍ୟାର୍ଥୀ ଓ ଶିକ୍ଷକ, ବିକାଶ ପାଇଁ ତତ୍ପର ବୈଜ୍ଞାନିକ ଓ ଇଞ୍ଜିନିୟର, ସ୍ୱାସ୍ଥ୍ୟସେବାରେ କାର୍ଯ୍ୟରତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ପରିଶ୍ରମୀ ଶ୍ରମିକ ଓ ଅନ୍ନଦାତା କୃଷକ, ନିଜ ନିଜ ପ୍ରୟାସରେ ରାଷ୍ଟ୍ର ନିର୍ମାଣ କରୁଛନ୍ତି।



ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ନିଜର ସମୃଦ୍ଧ ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ଆପଣାଇ ଆମେ ଆଧୁନିକ ବିକାଶ ପଥରେ ଆଗେଇ ଚାଲିଛୁ। 'ବୟଂ ରାଷ୍ଟ୍ରେ ଜାଗୃୟାମ୍' (ଆମେ ରାଷ୍ଟ୍ର ପାଇଁ ସଦା ସାବଧାନ ଓ ଜାଗ୍ରତ ରହିବା), ଏହି ବେଦ-ବାକ୍ୟ ଆମକୁ ପ୍ରେରଣା ଦିଏ। ସେହିପରି ନ୍ୟାୟିକ ବ୍ୟବସ୍ଥା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ଏହା କର୍ତ୍ତବ୍ୟ ଯେ ସେ ନିଶ୍ଚିତ କରିବେ, ସମ୍ବଳର ଅଭାବ ହେତୁ ଯେପରି କେହି ବି ନ୍ୟାୟରୁ ବଞ୍ଚିତ ନ ହୁଅନ୍ତି। ବିଗତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଆମ ଦେଶ ଦ୍ରୁତ ଗତିରେ ସମାବେଶୀ ବିକାଶ କରିଛି। ଐତିହ୍ୟ ଓ ବିକାଶର ସମନ୍ୱୟକୁ ପ୍ରାଥମିକତା ଦେଇଛି।

ନିଜ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ମଧ୍ୟ ରାଷ୍ଟ୍ରପତି ନିଜ ସମ୍ବୋଧନରେ ଉଲ୍ଲେଖ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ତାଙ୍କ ସରକାର ସମୟରେ ୨୫ କୋଟିରୁ ଅଧିକ ଲୋକଙ୍କୁ ଗରିବୀରୁ ମୁକ୍ତି ଦେବାରେ ସଫଳତା ମିଳିଛି। ବିଶ୍ୱର ସବୁଠାରୁ ବଡ଼ ଆର୍ଥିକ ସମାବେଶନ ଯୋଜନା 'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା' ଅଧୀନରେ ପ୍ରାୟ ୫୯ କୋଟି ଖାତାଧାରୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ି ହୋଇସାରିଛନ୍ତି। ସେଥିମଧ୍ୟରେ ୩୨ କୋଟିରୁ ଅଧିକ ମହିଳା ଖାତାଧାରୀ ସାମିଲ ଅଛନ୍ତି। ୮୦ କୋଟି ଲୋକଙ୍କ ପାଇଁ ମାଗଣା ରାସନ୍ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଯାଇଛି। 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଅଧୀନରେ ୬୦ କୋଟି ଲୋକଙ୍କୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଦେଶର ଆର୍ଥିକ ସହଯୋଗ ବୃଦ୍ଧି କରିବା ଏବଂ ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଅନେକ ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ) କରାଯାଇଛି।

ରାଷ୍ଟ୍ରପତି ସମ୍ବୋଧନର ଶେଷ ଭାଗରେ କହିଛନ୍ତି, ଗ୍ଲୋବାଲ ସାଉଥ୍‌ର ଦେଶଗୁଡ଼ିକରେ ଭାରତ ଏବେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ବିଶ୍ୱ ଦରବାରରେ ଆମ ଦେଶର ସମ୍ମାନ ବୃଦ୍ଧି ପାଇଛି। ତେବେ ଆମକୁ ଏହା ନିଶ୍ଚିତ କରିବାକୁ ହେବ ଯେ ଆମର କୌଣସି କାର୍ଯ୍ୟ ଦ୍ୱାରା, ଆସନ୍ତା ପିଢ଼ିଙ୍କ ଅଧିକାର ପ୍ରୟୋଗରେ ଟିକିଏ ହେଲେ ବି ବାଧା ନ ଆସୁ। ଆମର ପ୍ରୟାସ ହେବା ଉଚିତ୍ ଯେ ଆମେ ସେମାନଙ୍କୁ ଆହୁରି ସମୃଦ୍ଧ, ସବୁଜ ପ୍ରାକୃତିକ ସମ୍ପଦ ପୂର୍ଣ୍ଣ ପୃଥିବୀ ହସ୍ତାନ୍ତର କରିବା। ପରିବେଶ ସୁରକ୍ଷା ପ୍ରତି ଆମର ଆସ୍ଥା ଆମ ପରମ୍ପରାର ଏକ ଅଂଶ। ରାଷ୍ଟ୍ରପତି ନିଜ ସମ୍ବୋଧନରେ ଜାତୀୟ ହିତ, ସୁରକ୍ଷା ଓ ସିନ୍ଧୁ ଜଳ ଚୁକ୍ତି ସମ୍ପର୍କରେ ମଧ୍ୟ କହିଛନ୍ତି। ତାଙ୍କ କହିବାନୁସାରେ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ଆମେ ସଦାସର୍ବଦା ଦୃଢ଼ ସଙ୍କଳ୍ପବଦ୍ଧ। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶ ସହିତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ଜାତୀୟ ହିତରେ, ବିଶେଷ କରି ଆମ କୃଷକମାନଙ୍କ ଅଧିକାର ଓ ସମୃଦ୍ଧି ପାଇଁ ଏକ ନିର୍ଣ୍ଣାୟକ ଏବଂ ଯୁଗାନ୍ତକାରୀ ପଦକ୍ଷେପ।

ଜାତୀୟ ଚେତନା
JATIYA CHETANA



# ସଂଗଠକ ପ୍ରଭାତ ମହାନ୍ତିଙ୍କ ୭୦ତମ ଜନ୍ମୋତ୍ସବ ଓ ରକ୍ତଦାନ ଶିବିର



ଭୁବନେଶ୍ୱର,(ଜା.ପ୍ର): ସଂଗଠନ, ସଂଘର୍ଷ ଓ ସୃଜନଶୀଳତାର ଅପୂର୍ବ ସମନ୍ୱୟର ଅପ୍ରତିଦ୍ୱନ୍ଦ୍ୱୀ ନେତା ପ୍ରଭାତ ମହାନ୍ତି। ଓଡ଼ିଶା ମାଟିର ଏହି ସମର୍ପିତ ନେତା, ଶ୍ରମିକ, କର୍ମଚାରୀ ଓ ଶିକ୍ଷକମାନଙ୍କ ହୃଦୟରେ ସାବତ ଚନ୍ଦ୍ରାଲୋକ ଭଳି ଉଜ୍ଜୀବିତ ହୋଇ ରହିବେ ବୋଲି ଅଗଷ୍ଟ ୧୫ ତାରିଖରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ଆସୋସିଏସନ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଭାତ ମହାନ୍ତିଙ୍କ ୭୦ତମ ଜନ୍ମ ଉତ୍ସବରେ ଅତିଥିମାନେ ବକ୍ତବ୍ୟ ରଖିଛନ୍ତି। ୧୯୫୨ ମସିହା ଅଗଷ୍ଟ ୧୫ ତାରିଖର ଶୁଭ ମୁହୂର୍ତ୍ତରେ ଜନ୍ମିତ ଓଡ଼ିଶାର ଅଦମ୍ୟ କର୍ମଚାରୀ ଶିକ୍ଷକ ଶ୍ରମିକ ନେତା ଶ୍ରୀ ମହାନ୍ତି ଦୀର୍ଘ ୪୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିଜ ପରିଶ୍ରମ, ଆପୋଷହୀନ ସଂଗ୍ରାମରେ ବିଶ୍ୱାସ ରଖି ନିରନ୍ତର ସଂଘର୍ଷ କରି, ନାଟକ ଓ ସାହିତ୍ୟ ମାଧ୍ୟମରେ ସମାଜର କଳୁଷିତ ବ୍ୟବସ୍ଥା ବିରୁଦ୍ଧରେ ଶାଣିତ ସ୍ୱର ଜାରି ରଖି ଲକ୍ଷ ଲକ୍ଷ ଜନତାଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଚଳିତ ଦଶନ୍ଧିରେ ରାଜ୍ୟର ସର୍ବବୃହତ ତଥା ସର୍ବଶ୍ରେଷ୍ଠ କର୍ମଚାରୀଙ୍କ ହୃଦୟର ମଣିଷ ଭାବେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି ବୋଲି 'ପ୍ରଭାତ ମହାନ୍ତି ଜନ୍ମ ଉତ୍ସବ ସମିତି' ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ମାନ୍ୟବର ବିଧାୟକ ଡଃ ଅରୁଣ ସାହୁ, ମାନ୍ୟବର ବିଧାୟକ ବାବୁ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ଜଗଦେବ, ଜନ୍ମ ଉତ୍ସବ ସମିତିର ଅନ୍ୟତମ ଆୟୋଜକ ସମରେଶ ମହାନ୍ତି, ସାମାଜିକ କର୍ମୀ ବାସୁଦେବ ଭଞ୍ଜ, ମନୋଜ ଜେନା, ଅଶୋକ ପାତ୍ରରାୟ, ସୂଚନା ଅଧିକାର ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସତୀଶ ମିଶ୍ର, ଅବସରପ୍ରାପ୍ତ ବନ ଅଧିକାରୀ ଅଜୟ କୁମାର ପାଠକ, କର୍ମଚାରୀ ନେତା ମିହିର ଜେନା, ପ୍ରଶାନ୍ତ ପଟ୍ଟନାୟକ, ହାଇସ୍କୁଲ ଶିକ୍ଷକ ସଂଘ ନେତା ବିପିନ ବିହାରୀ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ନେତା ରାଜେଶ ମହାନ୍ତି, ଯୁଧିଷ୍ଠିର ସାହୁ, ଧ୍ୟେୟର ସମ୍ପାଦକ ରଞ୍ଜନ ଦାସ, ଓଡ଼ିଶା ଆଉଟସୋର୍ସିଂ ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ, ମହାପଣ୍ଡିତ ହେମନ୍ତ ବଳିଆ, ସମ୍ପାଦକ ମାନସ ଦାଶ, ବିଶିଷ୍ଟ କଳାକାର ତପନ ମହାନ୍ତି ଓ ଆୟୁଷ ଡାକ୍ତର ସଂଘ ସମ୍ପାଦକ ଡଃ ରବୀନ୍ଦ୍ର ସେଠୀ, ଲେଡି ମାଟ୍ରୋନ ସଂଘ ସଭାନେତ୍ରୀ ସୁଜାତା ଧୂଆଁ, ଏମଡିଆର ସଂଘ ସମ୍ପାଦକ ଦୀପକ ମହାପାତ୍ର ଓ ବିଜେପିର ବରିଷ୍ଠ ନେତା ବିଜୟ ଦାସ ପ୍ରମୁଖ ଶ୍ରୀ ମହାନ୍ତିଙ୍କ ଦୀର୍ଘ ସାଧନା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ କର୍ମଚାରୀ ନେତା ତଥା ଓଡ଼ିଶା ସରକାରୀ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ଶ୍ରୀ ବିଜୟ ମଲ୍ଲଙ୍କ ଆବାହକତ୍ୱରେ ଓ ବିଭାଗୀୟ ମୁଖ୍ୟ ଦପ୍ତର ସେକସନ ଅଫିସର ସଂଘ ସଭାପତି ଶ୍ରୀ ସୁଧାଂଶୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ଶୋଷିତ ତଥା ଅସହାୟ କର୍ମଚାରୀମାନଙ୍କ ପ୍ରତି ଶ୍ରୀ ମହାନ୍ତିଙ୍କ ଜୀବନବ୍ୟାପୀ ଶ୍ରମ, ସାଧନା, ସଂଘର୍ଷ ଓ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସମିତିର ଅନ୍ୟତମ ଆବାହକ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ପୂର୍ବତନ ସଭାପତି ପ୍ରଦୀପ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶୁଭେନ୍ଦୁ ଦାଶ, ଶ୍ରୀକାନ୍ତ ମିଶ୍ର, ରଶ୍ମି ପାଢ଼ୀ, ରାଜେନ୍ଦ୍ର ମଲ୍ଲିକ, ବିଶ୍ୱରଞ୍ଜନ ଦାଶ, ଡଃ ଶୁଭେନ୍ଦୁ ଦାଶ, ବିଭୂତି ଭୂଷଣ ଜରି, ରାଜେଶ ଦାସ, ସୀମା ମହାନ୍ତି, ଦୀପକ ପାଣି, ଦୀପକ ମହାପାତ୍ର, ରୋହିତ ନାୟକ, ଦିବ୍ୟଜ୍ୟୋତି ସ୍ୱାଇଁ, ଦେବ ସାହୁ, ସୁରେଶ ମହାନ୍ତି, ପ୍ରିୟଦର୍ଶନ ପୃଷ୍ଟି, କାହ୍ନୁ ଚରଣ ପରିଡ଼ା, ବିଶ୍ୱଜିତ ନାଥ, ସଞ୍ଜୟ ମହାନ୍ତି, ବିଶ୍ୱନାଥ ଓଝା ଓ ବୈରାଗୀ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶ୍ରୀ ମହାନ୍ତିଙ୍କ ଜନ୍ମ ଦିନ ଉପଲକ୍ଷେ ରେଡ୍ କ୍ରସ ଭବନ ପରିସରରେ ଏକ ରକ୍ତଦାନ ଶିବିର ଶ୍ରୀ ତାପସ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାନ୍ତିଙ୍କ ଜନ୍ମ ଉତ୍ସବ ଅବସରରେ ସ୍ମରଣିକା 'ସଂଘର୍ଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ ଆଘାତରେ ୨ ମୃତ

ଭୁବନେଶ୍ୱର,(ଜା.ପ୍ର): ପତାକା ଉତ୍ତୋଳନ ପାଇଁ ପ୍ରସ୍ତୁତି କରୁଥିବା ସମୟରେ ଦୁଇଟି ପୃଥକ ସ୍ଥାନରେ ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁର ଓ ବାଲେଶ୍ୱର ଜିଲ୍ଲା ମଇତାପୁରରେ ଏହି ଅଘଟଣ ଘଟିଛି। ନବରଙ୍ଗପୁର ଜିଲ୍ଲା ସମୀକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଚନ୍ଦନ ବେହେରା କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ପାଇଁ ଏକ ଲୁହା ପୋଲ୍ ବୋହି ନେଉଥିବା ବେଳେ ତାହା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଆଉ ବିଦ୍ୟୁତ୍ ଆଘାତରେ ଅଚେତ ହୋଇ ପଡ଼ିଯାଇଥିଲେ ଚନ୍ଦନ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ମଇତାପୁରର ଏକ ଘରୋଇ ବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ କ୍ରୀଡ଼ା ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକଙ୍କ ନାଁ ପ୍ରିୟବ୍ରତ ବେହେରା। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ। ସ୍କୁଲରେ ପତାକା ଉତ୍ତୋଳନ ପାଇଁ ଶନିବାର ସକାଳେ କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତ ବେହେରା କିଛି ଛାତ୍ରଙ୍କ ସହିତ ମିଶି ଏକ ଲୁହା ପାଇପ୍ ପୋତିବା ସମୟରେ ତାହା ଭାରସାମ୍ୟ ହରାଇ ନିକଟସ୍ଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା।

# ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ୪ର୍ଥ ବାର୍ଷିକ ଉତ୍ସବ 'ସ୍ଲାଇ ଫେଷ୍ଟ୍ ୨୦୨୬' ପାଳିତ




ଢେଙ୍କାନାଳ,(ଜା.ପ୍ର): ଢେଙ୍କାନାଳ ସହରସ୍ଥିତ ଷ୍ଟଡି ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେସନ୍ ର ୪ର୍ଥ ବାର୍ଷିକ ଉତ୍ସବ 'ସ୍ଲାଇ ଫେଷ୍ଟ ୨୦୨୬' ରବିବାର ଦିନ ବହୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଢେଙ୍କାନାଳ ତହସିଲ ଅଫିସ୍ ନିକଟସ୍ଥ ଆର୍ଟ ଆଣ୍ଡ କ୍ରାଫ୍ଟ ଅଡିଟୋରିଅମ ହଲ୍‌ରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଶିକ୍ଷା, ପ୍ରଯୁକ୍ତି, ପ୍ରତିଭା ଓ ସଂସ୍କୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା।

ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଡଃ ପ୍ରବୋଧ କୁମାର ମହାରଣା, ଜିଲ୍ଲାସ୍ତରୀୟ ସଂଯୋଜକ, ଓକେସିଏଲ୍, ଢେଙ୍କାନାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଡିଜିଟାଲ୍ ଶିକ୍ଷା ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମୂଲ୍ୟବାନ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡଃ ଶୁଭଶ୍ରୀ ଅବିନାଶ ସାହୁ, ଏଚ୍‌ଓଡି, କମ୍ପ୍ୟୁଟର ସାଇନ୍ସ, ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଢେଙ୍କାନାଳ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ ପ୍ରଯୁକ୍ତିଭିତ୍ତିକ ଜ୍ଞାନ, ସାଇବର କ୍ରାଇମ୍ ଓ ନାନୋ ଟେକ୍ନୋଲୋଜି ସମ୍ବନ୍ଧରେ ସୁଚନା ଦେଇଥିଲେ ।ସୃଜନଶୀଳତା ଓ ନୂତନ ଚିନ୍ତାଧାରାକୁ ଆପଣାଇବା ଆବଶ୍ୟକ ବୋଲି କହିଥିଲେ। ତାଙ୍କ ପ୍ରେରଣାଦାୟକ ବକ୍ତବ୍ୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବେଶ୍ ପ୍ରଭାବିତ କରିଥିଲା।

ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ମିଶ୍ର, ପ୍ରିନ୍ସିପାଲ୍ କମ୍ ସେକ୍ରେଟାରୀ, ସଚ୍ଚିଦାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ୍, ଇନ୍ଦିପୁର ଯୋଗଦେଇ ଷ୍ଟଡି ଲାଇଫ୍ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାମୂଳକ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ କି ଆଜିର ଛାତ୍ର ଛାତ୍ରୀ ଜେନ୍ ଜୀ ଭଳି ହେବା ଦରକାର ଯାହାଫଳରେ ଶିକ୍ଷା ବ୍ୟବସ୍ଥାରେ ଦେଖାଦେଉଥିବା ରାଜନୀତିକରଣକୁ ଆଦୌ ପ୍ରୋତ୍ସାହନ ଦେବା ନାହିଁ । ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀ ପ୍ରକାଶ ଚନ୍ଦ୍ର କୁଅଁର, ଭାଇସ୍-ଚେୟାରମ୍ୟାନ୍, ଢେଙ୍କାନାଳ ମ୍ୟୁନିସିପାଲିଟି ଏବଂ ଶ୍ରୀମତୀ ଲଳିତା ସାହୁ, ସରପଞ୍ଚ, ଇନ୍ଦିପୁର ଗ୍ରାମ ଯୋଗଦେଇ ଅନୁଷ୍ଠାନର ଶୋଭା ବଢ଼ାଇଥିଲେ। ଉଭୟ ଅତିଥି ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତା ପାଇବା ପାଇଁ କେହି ନା କେହି ଜଣେ ମହାନ ବ୍ୟକ୍ତିଙ୍କର ସମର୍ଥନ ରହିଛି ଓ ନିଜ ପ୍ରତିଭାର ବିକାଶ ସହିତ ସମାଜ ପ୍ରତି ଦାୟିତ୍ୱବୋଧ ରଖି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀ ଆଶିଷ କୁମାର ପଣ୍ଡା ଅନୁଷ୍ଠାନର ଉଦ୍ଦେଶ୍ୟ, ଶିକ୍ଷା ପ୍ରତିଷ୍ଠାନର ଭବିଷ୍ୟତ ଯୋଜନା ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ, ଶୃଙ୍ଖଳା ଓ ଦକ୍ଷତାକୁ ଜୀବନର ସଫଳତାର ମୁଖ୍ୟ ଆଧାର କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଅନ୍ୟତମ ଆକର୍ଷଣ ଥିଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ପ୍ରତିଭା ପ୍ରଦର୍ଶନ। ଛାତ୍ରଛାତ୍ରୀଙ୍କ ମନୋଜ୍ଞ ପରିବେଷଣ ଉପସ୍ଥିତ ଅତିଥି, ଅଭିଭାବକ ଓ ଦର୍ଶକଙ୍କ ମନ ଜିଣିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ 'ଷ୍ଟଡି ଲାଇଫ୍ ମୋ ପ୍ରତିଭା ଆୱାର୍ଡ-୨୦୨୬' ଓ ଅନ୍ୟାନ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟଡି ଲାଇଫ୍ ଅନୁଷ୍ଠାନର ସେକ୍ରେଟାରୀ ତଥା ଶିକ୍ଷାଗତ ସମନ୍ୱୟକାରି ଶ୍ରୀଯୁକ୍ତ ଅବିନାଶ ପଣ୍ଡା ,ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ବହୁ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଶେଷରେ ଆୟୋଜକଙ୍କ ପକ୍ଷରୁ ସମସ୍ତ ଅତିଥି, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଯାଇଥିଲା। ଶିକ୍ଷା, ପ୍ରଯୁକ୍ତି, ପ୍ରତିଭା ଓ ସଂସ୍କୃତିର ଏହି ଭବ୍ୟ ମିଳନ 'ସ୍ଲାଇଫେଷ୍ଟ ୨୦୨୬' ଷ୍ଟଡି ଲାଇଫ୍ ପରିବାର ପାଇଁ ଏକ ଅବିସ୍ମରଣୀୟ ଓ ସ୍ମରଣୀୟ ଅନୁଭୂତି ହୋଇରହିଛି।

# ବାଧ୍ୟତାମୂଳକ ଇ୨୦ ପେଟ୍ରୋଲ୍ ବ୍ୟବହାରକୁ ନେଇ ବୈଠକ



ଭୁବନେଶ୍ୱର,(ଜା.ପ୍ର): ବାଧ୍ୟତାମୂଳକ ଇ୨୦ ପେଟ୍ରୋଲ୍‌ର ବ୍ୟବହାର ଦ୍ୱାରା ଗାଡ଼ି, ଉପଭୋକ୍ତା ଏବଂ ସାଧାରଣ ଲୋକଙ୍କ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଓ ଜନମତକୁ ସଂଗଠିତ କରିବା ଉଦ୍ଦେଶ୍ୟରେ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ ଭବନଠାରେ ଏକ ଟାଉନ୍ ହଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ପେଟ୍ରୋଲ ଚାଳିତ ବାହନ ମାଲିକ, ଉପଭୋକ୍ତା, ମୋଟର ବିଶେଷଜ୍ଞ, ଯୁବ, ଛାତ୍ର, ପରିବହନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି, ସାମାଜିକ କର୍ମୀ ଏବଂ ବିଭିନ୍ନ ବର୍ଗର ସାଧାରଣ ଜନତା ଏକ ଖୋଲା ଆଲୋଚନା ମାଧ୍ୟମରେ ନିଜ ନିଜର ପ୍ରତ୍ୟକ୍ଷ ଅନୁଭୂତି ଓ ମତାମତ ଉପସ୍ଥାପନ କରିଥିଲେ।

ଇ୨୦ ପେଟ୍ରୋଲ୍ ଦ୍ୱାରା ଗାଡ଼ିର ଇନ୍ଧନ ଦୂରତ୍ୱ ଓ ଇଞ୍ଜିନ୍ କାର୍ଯ୍ୟଦକ୍ଷତା ଉପରେ ସିଧାସଳଖ ପ୍ରତିକୂଳ ପ୍ରଭାବ ପଡୁଥିବା ନେଇ ଅଂଶଗ୍ରହଣକାରୀମାନେ ଗୁରୁତ୍ୱ ଆରୋପ କରିଥିଲେ। ୨୦୨୩ ମସିହା ପୂର୍ବରୁ ନିର୍ମିତ ଗାଡ଼ି ଗୁଡ଼ିକ ଇଥାନଲ୍ ଅନୁକୂଳ ହୋଇ ନ ଥିବାରୁ ସେଗୁଡ଼ିକର ସୁରକ୍ଷା ସମ୍ପର୍କରେ ସରକାରଙ୍କ କୌଣସି ସ୍ପଷ୍ଟ ଦିଗଦର୍ଶନ ନଥିବାରୁ ଆଲୋଚନାକାରୀମାନେ ଗଭୀର ଆଶଙ୍କା ପ୍ରକଟ କରିଥିଲେ। ବାରମ୍ବାର ଗାଡ଼ି ଗୁଡ଼ିକ ଖରାପ ହୋଇ ମଝି ରାସ୍ତାରେ ଅଟକି ଯାଉଥିବା ଯୋଗୁଁ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଗ୍ୟାରେଜକୁ ଦୌଡ଼ି ଦୌଡ଼ି ବହୁମୂଲ୍ୟ ସମୟ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତାରେ ଚାଲୁଥିବା ସିଂହ ଭାଗ ଗାଡ଼ି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଅନୁକୂଳ ହୋଇ ନଥିବାରୁ ମାଇଲେଜ୍ କମିବା ସହ ଗାଡିର ଯନ୍ତ୍ରାଂଶ ଓ ଇଞ୍ଜିନ୍ ଖରାପ ହୋଇ ଲୋକଙ୍କୁ ଅଯଥା ଆର୍ଥିକ ବୋଝ ସହିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ପେଟ୍ରୋଲ ପମ୍ପରେ କମ୍ ଦରରେ ଶୁଦ୍ଧ ପେଟ୍ରୋଲ ଉପଲବ୍ଧ କରାଇବାକୁ ପେଟ୍ରୋଲିୟମ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଆଲୋଚନାରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନ୍ ?ଲାଇନ୍ ମାଧ୍ୟମରେ ମଧ୍ୟ ଅସଂଖ୍ୟ ଜନସାଧାରଣ ଯୋଗ ଦେଇଥିଲେ। ବୈଠକରେ ନିଶିକାନ୍ତ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରା, ମନ୍ମଥ ରାଉତରାୟ, ବାସୁଦେବ ଭଞ୍ଜ, ଗିରିଜା ଶଙ୍କର ଦାଶ ଓ ବିଭିନ୍ନ ଗ୍ୟାରେଜ ମାଲିକଙ୍କ ସମେତ ଉପଭୋକ୍ତାମାନେ ନିଜର ନିରପେକ୍ଷ ମତ ରଖିଥିଲେ। ସରକାର ଏହିସବୁ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ଜନହିତକର ସମାଧାନର ପନ୍ଥା ବାହାର କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗୃହୀତ ହୋଇଛି।

ଜାତୀୟ ଚେତନା
JATIYA CHETANA

# ଭୂ-ରାଜନୈତିକ ସମୀକରଣ: ମେଣ୍ଟ, ମୁକାବିଲା ଓ କୂଟନୀତି

ରାଜୀବ ଲୋଚନ ଜେନା

"ତୁମର ବନ୍ଧୁଙ୍କୁ ବାଛିଥାଅ ତୁମେ, କିନ୍ତୁ ତୁମ ପଡ଼ୋଶୀଙ୍କୁ ବାଛିଥାନ୍ତି ଈଶ୍ୱର"- ଏହି ଆପ୍ତବାକ୍ୟଟି କେବଳ ବ୍ୟକ୍ତିଗତ ବ୍ୟାପାରରେ ନୁହେଁ, ବରଂ ଅନ୍ତର୍ଜାତୀୟ ଭୂ-ରାଜନୀତି କ୍ଷେତ୍ରରେ ମଧ୍ୟ ସମାନ ଭାବେ ସତ୍ୟ ଓ ପ୍ରାସଙ୍ଗିକ। ଏକ ସାର୍ବଭୌମ ରାଷ୍ଟ୍ର ନିଜର ଆବଶ୍ୟକତା, ବିଚାରଧାରା ଓ ସ୍ୱାର୍ଥକୁ ଆଧାର କରି ବିଶ୍ୱର ଯେକୌଣସି ଦେଶ ସହିତ ବନ୍ଧୁତାର ହାତ ବଢ଼ାଇପାରେ, ମାତ୍ର ଚାହିଁଲେ ବି ନିଜର ଭୌଗୋଳିକ ସୀମା କିମ୍ବା ପଡ଼ୋଶୀମାନଙ୍କୁ ବଦଳାଇପାରେ ନାହିଁ। ଭାରତର ସୁଦୀର୍ଘ ଇତିହାସ ଓ ଭୌଗୋଳିକ ସ୍ଥିତିକୁ ତର୍ଜମା କଲେ ସ୍ପଷ୍ଟ ଜଣାପଡ଼େ ଯେ, ତା'ର ଈଶ୍ୱରଦତ୍ତ ପଡ଼ୋଶୀମାନେ ବିଭିନ୍ନ ସମୟରେ ରାଷ୍ଟ୍ରୀୟ ସୁରକ୍ଷା, ଶାନ୍ତି ଓ ସାର୍ବଭୌମତ୍ୱ ପାଇଁ ନିରନ୍ତର ଗୁରୁତର ମୁଣ୍ଡବିନ୍ଧାର କାରଣ ହୋଇଆସିଛନ୍ତି।

ସାମ୍ପ୍ରତିକ ସମୟରେ ଏହି ପ୍ରତିକୂଳ ଭୂ-ରାଜନୈତିକ ଧାରାର ଏକ ଅତ୍ୟନ୍ତ ନୂତନ, ସୂକ୍ଷ୍ମ ଓ ବିପଜ୍ଜନକ ପରିପ୍ରକାଶ ଭାରତୀୟ ଉପମହାଦ୍ୱୀପ ସମ୍ମୁଖରେ ଛିଡ଼ା ହୋଇଛି। ଭାରତର କେତେକ ନିକଟତର ଏବଂ ଦୂରବର୍ତ୍ତୀ ପଡ଼ୋଶୀ ରାଷ୍ଟ୍ର ମିଳିତ ହୋଇ 'ମକ୍କା ଯୌଥ ପ୍ରତିରକ୍ଷା ଚୁକ୍ତି' ନାମକ ଏକ ସାମରିକ ଗୋଷ୍ଠୀର ସୂତ୍ରପାତ କରିଛନ୍ତି। ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନକୁ ନେଇ ଗଠିତ ଏହି ତ୍ରିପାକ୍ଷିକ ମେଣ୍ଟର ସାମରିକ ତାତ୍ପର୍ଯ୍ୟ କେବଳ ସେମାନଙ୍କ ସେନା ବା ଅସ୍ତ୍ରଶସ୍ତ୍ରର ଏକତ୍ରୀକରଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପାରସ୍ୟ ଉପସାଗର, ଦକ୍ଷିଣ ଏସିଆ ଏବଂ ବୃହତ୍ତର ମଧ୍ୟପ୍ରାଚ୍ୟ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଭୌଗୋଳିକ ଅଞ୍ଚଳକୁ ଏକ ସାମରିକ ଡୋରୀରେ ବାନ୍ଧିବାକୁ ଯାଉଛି।

ଏହି ସଦ୍ୟ ଗଠିତ ସାମରିକ ଗୋଷ୍ଠୀକୁ ଅନେକ ଆନ୍ତର୍ଜାତିକ ସାମରିକ ବିଶ୍ଳେଷକ 'ଇସଲାମୀୟ ନାଟୋ' ରୂପେ ଅଭିହିତ କରୁଛନ୍ତି। ଏହି ମେଣ୍ଟରେ ପାକିସ୍ତାନ ଏକମାତ୍ର ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ଏକ ପ୍ରମୁଖ ତଥା ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ, ବିଶ୍ୱର ଅନ୍ୟ ସମସ୍ତ ମୁସଲିମ୍ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଏହି ନୂତନ ସାମରିକ ବଳୟରେ ଯୋଗ ଦେବାକୁ ଖୋଲା ଆହ୍ୱାନ ଦେଇଛି। ପଶ୍ଚିମାତ୍ୟ ସାମରିକ ମେଣ୍ଟ ନାଟୋର ମୂଳ ସୁରକ୍ଷା ନୀତିକୁ ଅନୁକରଣ କରି ଏହି ଗୋଷ୍ଠୀ ଘୋଷଣା କରିଛି ଯେ, ମେଣ୍ଟର କୌଣସି ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ସଶସ୍ତ୍ର ଆକ୍ରମଣ ହେଲେ, ତାହାକୁ ସମଗ୍ର ମେଣ୍ଟ ଉପରେ ଆକ୍ରମଣ ଭାବେ ବିବେଚନା କରାଯିବ। ଏହି ସିଦ୍ଧାନ୍ତର ସମ୍ପ୍ରସାରିତ ଅର୍ଥ ଅତ୍ୟନ୍ତ ଚିନ୍ତାଜନକ—ଯଦି ମେଣ୍ଟର କୌଣସି ଗୋଟିଏ ଦେଶ ମେଣ୍ଟ ବାହାରେ ଥିବା ଅନ୍ୟ କୌଣସି ରାଷ୍ଟ୍ର ପ୍ରତି ଶତ୍ରୁଭାବାପନ୍ନ ହୁଏ, ତେବେ ଗୋଷ୍ଠୀର ଅନ୍ୟ ସମସ୍ତ ଦେଶ ମଧ୍ୟ ସ୍ୱାଭାବିକ ଭାବେ ସେହି ଦେଶକୁ ନିଜର ପ୍ରତ୍ୟକ୍ଷ ଶତ୍ରୁ ରୂପେ ଗ୍ରହଣ କରିବେ।

ଭାରତ ପାଇଁ ଏହି ମେଣ୍ଟର ଭବିଷ୍ୟତ ତାତ୍ପର୍ଯ୍ୟ କାହାକୁ ବୁଝାଇବା ଅନାବଶ୍ୟକ। ଭାରତ-ବିରୋଧୀ ମାନସିକତା ହିଁ ପାକିସ୍ତାନର ରାଷ୍ଟ୍ରୀୟ ନୀତି ଓ ଅସ୍ତିତ୍ୱର ମୂଳମନ୍ତ୍ର ହୋଇରହିଛି। ଏଥିପୂର୍ବରୁ ପାକିସ୍ତାନ ସାଉଦି ଆରବ ସହିତ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିସାରିଥିଲା ଏବଂ 'ଅପରେସନ ସିନ୍ଦୁର' ସମୟରେ ତୁର୍କୀଠାରୁ ପ୍ରତ୍ୟକ୍ଷ ସାମରିକ ସହାୟତା ତଥା ଆଧୁନିକ ଡ୍ରୋନ୍ ଶକ୍ତି ହାସଲ କରିଥିଲା। ଏବେ ଏହି ତିନି ରାଷ୍ଟ୍ର ଏକ ବିଧିବଦ୍ଧ ସାମରିକ ଚୁକ୍ତିରେ ଆବଦ୍ଧ ହେବା ଦ୍ୱାରା ପାକିସ୍ତାନର ଆକ୍ରମଣାତ୍ମକ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବା ନିଶ୍ଚିତ। ଏହି ମେଣ୍ଟର ତିନି ସଦସ୍ୟଙ୍କ ନିକଟରେ ଅସମାନ ତଥା ପରିପୂରକ ସାମରିକ ଶକ୍ତି ରହିଛି। ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଥିବା ବେଳେ ସାଉଦି ଆରବ ହେଉଛି ଅପାର ଆର୍ଥିକ ସମ୍ବଳର ଅଧିକାରୀ ଏବଂ ତୁର୍କୀ ହେଉଛି ଖୋଦ୍ ନାଟୋର ଅନ୍ୟତମ ପ୍ରମୁଖ ସଦସ୍ୟ ତଥା ବିଶାଳ ସ୍ଥଳସେନା ଓ ଆଧୁନିକ ସାମରିକ ଡ୍ରୋନ୍ ନିର୍ମାଣରେ ଅଗ୍ରଣୀ ଦେଶ। 'ଅପରେସନ ସିନ୍ଦୁର' ସମୟରେ ତୁର୍କୀର ଡ୍ରୋନ୍ ଭୂମିକା ଆମେ ଦେଖିସାରିଛୁ। ତେଣୁ ଭବିଷ୍ୟତରେ ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୁଏ, ତେବେ ଭାରତକୁ କେବଳ ଗୋଟିଏ ଶତ୍ରୁ ନୁହେଁ, ବରଂ ଏହି ତିନି ରାଷ୍ଟ୍ରର ମିଳିତ ଶକ୍ତିର ସମ୍ମୁଖୀନ ହେବାକୁ ପଡ଼ିବାର ଦୃଢ଼ ସମ୍ଭାବନା ରହିଛି।

ଅବଶ୍ୟ, କେତେକ ଆଶାବାଦୀ କୂଟନୀତିଜ୍ଞ ଯୁକ୍ତି କରନ୍ତି ଯେ, ସମ୍ପ୍ରତି ଆମେରିକାର ଆକ୍ରମଣର ଜବାବରେ ଇରାନ ଯେତେବେଳେ ସାଉଦି ଆରବ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କଲା, ସେତେବେଳେ ପାକିସ୍ତାନ ସାଉଦି ସହ ଚୁକ୍ତି ଥାଇ ବି ଇରାନ ବିରୋଧରେ ସାମରିକ ପଦକ୍ଷେପ ନେବାରୁ ପଛଘୁଞ୍ଚା ଦେଇଥିଲା। ତେଣୁ ଭାରତ ସହ ସମ୍ଭାବ୍ୟ ସଂଘର୍ଷ ବେଳେ ସାଉଦି କିମ୍ବା ତୁର୍କୀ ଭାରତ ଉପରେ ପ୍ରତ୍ୟକ୍ଷ ଆକ୍ରମଣ କରିବେ ନାହିଁ। ମାତ୍ର ଏଭଳି ବିଚାର ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଆତ୍ମସନ୍ତୋଷଜନକ। ଇରାନ ଏକ ଶକ୍ତିଶାଳୀ ଇସଲାମୀୟ ଦେଶ ହୋଇଥିବାରୁ ପାକିସ୍ତାନ କ୍ରୋଧରୁ ବର୍ତ୍ତିବା ପାଇଁ ନୀରବ ରହିଥିଲା, ମାତ୍ର ଭାରତ ପ୍ରତି ସାଉଦି ଆରବ କିମ୍ବା ତୁର୍କୀ ସେଭଳି କୌଣସି ନରମ ଆଭିମୁଖ୍ୟ ଦେଖାଇବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ, ଯାହା ସେମାନଙ୍କର ଗତକାଲିର କାର୍ଯ୍ୟକଳାପରୁ ସ୍ପଷ୍ଟ।

ଏହିପରି ଏକ ଜଟିଳ ତଥା ସୀମାନ୍ତ ବିପଦର ମୁକାବିଲା କରିବା ପାଇଁ ଭାରତ ସମ୍ମୁଖରେ ଦୁଇଟି ମୁଖ୍ୟ ବିକଳ୍ପ ରହିଛି। ପ୍ରଥମତଃ, ଭାରତକୁ ନିଜର ଆତ୍ମରକ୍ଷା ଓ ପ୍ରତିରକ୍ଷା ପ୍ରସ୍ତୁତିକୁ ଅଭୂତପୂର୍ବ ସ୍ତରକୁ ନେବାକୁ ପଡ଼ିବ। ଅତୀତରେ ଆମେରିକା ବିଶ୍ୱର ପୁଲିସ ରୂପେ କାର୍ଯ୍ୟ କରି ବିଶ୍ୱ ଶାନ୍ତି ବଜାୟ ରଖିବାକୁ ଚେଷ୍ଟା କରୁଥିଲା, ମାତ୍ର ବର୍ତ୍ତମାନର ଟ୍ରମ୍ପ ପ୍ରଶାସନ ସେହି ଦାୟିତ୍ୱରୁ ଓହରିବା ସହ ଭାରତ-ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରୁଛି। ଏହି ପରିପ୍ରେକ୍ଷୀରେ ନିଜର ସାମରିକ ସାମର୍ଥ୍ୟ ବୃଦ୍ଧି ଆମ ପାଇଁ ଅପରିହାର୍ଯ୍ୟ। ତେବେ ପ୍ରତ୍ୟକ୍ଷ ସାମରିକ ସଂଘର୍ଷ କେବେ ବି ପ୍ରଥମ ପସନ୍ଦ ହୋଇନପାରେ। ଦ୍ୱିତୀୟ ତଥା ସବାଧିକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହେଉଛି କୂଟନୀତିର କୁଶଳ ବ୍ୟବହାର ଦ୍ୱାରା ଏହି ନୂତନ ମେଣ୍ଟରେ ଫାଟ ସୃଷ୍ଟି କରିବା। ଭାରତ ନିଜର ବର୍ଦ୍ଧିଷ୍ଣୁ ଅର୍ଥନୀତି, ସାଂସ୍କୃତିକ ସମ୍ପର୍କ ଓ ଆନ୍ତର୍ଜାତିକ ପ୍ରଭାବକୁ ବ୍ୟବହାର କରି ଗୋଷ୍ଠୀର ସଦସ୍ୟ ରାଷ୍ଟ୍ରମାନଙ୍କ ସହ ପୃଥକ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଦରକାର। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ଭାରତର ସଫଳ ସମ୍ପର୍କ ପ୍ରମାଣ କରେ ଯେ, ସାଉଦି ଆରବ ସହ ମଧ୍ୟ ଅନୁରୂପ ସମ୍ପର୍କ ରଖାଯାଇପାରିବ। ସାରାଂଶରେ, କୂଟନୈତିକ ଉଦ୍ୟମ ଜାରି ରଖିବା ସହିତ ନିଜର 'ବାରୁଦକୁ ସଦା ଶୁଷ୍କ ଓ ପ୍ରସ୍ତୁତ' ରଖିବା ହିଁ ବର୍ତ୍ତମାନ ଭାରତର ସୁରକ୍ଷା ପାଇଁ ସର୍ବୋତ୍ତମ ନୀତି।

କେବଳ ଦ୍ୱିପାକ୍ଷିକ ସମ୍ପର୍କରେ ସୀମିତ ନରହି, ଭାରତକୁ ନିଜର ଆଞ୍ଚଳିକ ଓ ବହୁପାକ୍ଷିକ କୂଟନୀତିକୁ ଅଧିକ କ୍ରିୟାଶୀଳ କରିବାକୁ ପଡ଼ିବ। ମଧ୍ୟପ୍ରାଚ୍ୟରେ ସାଉଦି ଆରବ ଓ ତୁର୍କୀ ମଧ୍ୟରେ ଥିବା ଆନ୍ତରୀଣ ପ୍ରତିଯୋଗିତା ଏବଂ ପାକିସ୍ତାନର ଅସ୍ଥିର ଆର୍ଥିକ ସ୍ଥିତିକୁ ସୂକ୍ଷ୍ମ ଭାବେ ନିରୀକ୍ଷଣ କରିବା ଭାରତ ପାଇଁ ନିତାନ୍ତ ଆବଶ୍ୟକ। ଯେତେବେଳେ ଏକ ସାମରିକ ମେଣ୍ଟ ଭିନ୍ନ ଭିନ୍ନ ସ୍ୱାର୍ଥ ରଖିଥିବା ରାଷ୍ଟ୍ରମାନଙ୍କୁ ନେଇ ଗଠିତ ହୁଏ, ସେତେବେଳେ ସେମାନଙ୍କ ମଧ୍ୟରେ ଅନ୍ତର୍ନିହିତ ମତଭେଦ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଥାଏ। ଭାରତୀୟ କୂଟନୀତିଜ୍ଞମାନଙ୍କ କାର୍ଯ୍ୟ ହେଉଛି ସେହି ସୂକ୍ଷ୍ମ ଫାଟଗୁଡ଼ିକୁ ଚିହ୍ନଟ କରି ନିଜର ପ୍ରଭାବ ବିସ୍ତାର କରିବା।

ଏହାସହିତ, ସୁରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଭାରତ ପାଇଁ ଏବେ ଆଉ କେବଳ ଏକ ବିକଳ୍ପ ହୋଇ ରହିନାହିଁ, ବରଂ ଏହା ଏକ ଜରୁରୀ ଆବଶ୍ୟକତା। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉନ୍ନତ ଡ୍ରୋନ୍ ପ୍ରତିରୋଧୀ ପ୍ରଯୁକ୍ତି ଏବଂ ସାଇବର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାକୁ ହେବ। ତୁର୍କୀର ଡ୍ରୋନ୍ ପ୍ରଯୁକ୍ତି ବିପକ୍ଷରେ ଆମର ନିଜସ୍ୱ ପ୍ରତିରକ୍ଷା ପ୍ରଣାଳୀକୁ ଅତ୍ୟାଧୁନିକ କରିବା ସହ ସୀମାନ୍ତରେ ସାମରିକ ପ୍ରହରାକୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ।

ଅନ୍ୟପଟେ, ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କକୁ ଏକ ସୁରକ୍ଷା କବଚ ଭାବେ ବ୍ୟବହାର କରାଯାଇପାରେ। ସାଉଦି ଆରବ ଭଳି ରାଷ୍ଟ୍ର ପାଇଁ ଭାରତ ହେଉଛି ଏକ ବିଶାଳ ବାଣିଜ୍ୟିକ ବଜାର ଓ ଜାଳେଣି ଶକ୍ତିର ପ୍ରମୁଖ କ୍ରେତା। ଏହି ଅର୍ଥନୈତିକ ନିର୍ଭରଶୀଳତାକୁ ବ୍ୟବହାର କରି ସାଉଦି ଆରବକୁ ଭାରତ-ବିରୋଧୀ କୌଣସି ପ୍ରତ୍ୟକ୍ଷ ସାମରିକ ପଦକ୍ଷେପରୁ ନିବୃତ୍ତ ରଖାଯାଇପାରିବ। ସେହିପରି ଅନ୍ତର୍ଜାତୀୟ ମଞ୍ଚଗୁଡ଼ିକରେ ଏହି ନୂତନ ମେଣ୍ଟର ସମ୍ଭାବ୍ୟ ବିପଦ ବିଷୟରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ମଧ୍ୟ ଭାରତୀୟ ବୈଦେଶିକ ନୀତିର ଅଂଶ ହେବା ଉଚିତ। ବିଶ୍ୱ ରାଜନୀତିରେ କୌଣସି ବନ୍ଧୁ କିମ୍ବା ଶତ୍ରୁ ସ୍ଥାୟୀ ନୁହନ୍ତି, କେବଳ ରାଷ୍ଟ୍ରୀୟ ସ୍ୱାର୍ଥ ହିଁ ସ୍ଥାୟୀ। ଭାରତକୁ ଏହି ସତ୍ୟକୁ ଆଧାର କରି ନିଜର ସୁରକ୍ଷା ଓ କୂଟନୈତିକ ରଣନୀତି ପ୍ରସ୍ତୁତ କରିବାକୁ ହେବ। ଶାନ୍ତି ଓ ସହାବସ୍ଥାନ ଭାରତର ଚିରନ୍ତନ ଆଦର୍ଶ ହୋଇପାରେ, ମାତ୍ର ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତା କିମ୍ବା ଆତ୍ମସନ୍ତୋଷ ଭାରତ ପାଇଁ ପ୍ରାଣଘାତୀ ହୋଇପାରେ। ତେଣୁ, 'ଇସଲାମୀୟ ନାଟୋ' ଭଳି ଏକ ନୂତନ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଭାରତକୁ ଏକ ସନ୍ତୁଳିତ ନୀତି ଗ୍ରହଣ କରିବାକୁ ହେବ। ଗୋଟିଏ ପଟେ କୂଟନୈତିକ ଚାତୁରୀ, ଅର୍ଥନୈତିକ ଭାଗିଦାରୀ ଓ ବହୁପାକ୍ଷିକ ଆଲୋଚନା ମାଧ୍ୟମରେ ସମ୍ଭାବ୍ୟ ସଂଘର୍ଷକୁ ଏଡ଼ାଇବାକୁ ଚେଷ୍ଟା କରିବାକୁ ହେବ। ଅନ୍ୟପଟେ, ସୀମାନ୍ତ ସୁରକ୍ଷା, ସାମରିକ ସାମର୍ଥ୍ୟ ଓ ଯୁଦ୍ଧ ପ୍ରସ୍ତୁତିକୁ ସର୍ବୋଚ୍ଚ ସ୍ତରରେ ରଖି ଶତ୍ରୁକୁ ଚେତାବନୀ ଦେବାକୁ ହେବ। କୂଟନୀତିର ବୁଦ୍ଧିମତ୍ତା ଏବଂ ସାମରିକ ସଜାଗତାର ଏହି ସମନ୍ୱୟ ହିଁ ବଦଳୁଥିବା ବିଶ୍ୱ ଭୂ-ରାଜନୀତିରେ ଭାରତର ସାର୍ବଭୌମତ୍ୱ ଓ ସୁରକ୍ଷାକୁ ଅକ୍ଷୁଣ୍ଣ ରଖିପାରିବ। ନିଜର ବିବେକ, କୂଟନୈତିକ ଦୂରଦୃଷ୍ଟି ଏବଂ ଶକ୍ତିଶାଳୀ ସାମରିକ ପ୍ରସ୍ତୁତି ହିଁ ଆଗାମୀ ଦିନରେ ଆମ ରାଷ୍ଟ୍ରର ସର୍ବୋତ୍ତମ ସୁରକ୍ଷା କବଚ ହୋଇରହିବ।

## ଡିଜିଟାଲ୍ ଯୁଗରେ ଛଳନାର ମାୟାଜାଲ

ପଞ୍ଚବଟୀର ଘନ ଜଙ୍ଗଲ ମଧ୍ୟରେ ବନବାସ କାଟୁଥିବା ପ୍ରଭୁ ଶ୍ରୀରାମଙ୍କ ଅନୁପସ୍ଥିତିରେ ରାବଣ ସାଧୁ ବେଶ ଧାରଣ କରି ସୀତାଙ୍କ କୁଟୀର ପାଖକୁ ଆସି ଭିକ୍ଷା ପ୍ରାର୍ଥନା କରିଥିଲା। ସୀତା ତାଙ୍କୁ ସାଧୁ ଭାବି ନିକଟକୁ ଆସି ଭିକ୍ଷା ଗ୍ରହଣ କରିବାକୁ ଅନୁରୋଧ କରିବାରୁ, ରାବଣ ଲକ୍ଷ୍ମଣ ରେଖା ବାହାରେ ଅଟକି ଯାଇ ସେହି ପବିତ୍ର ସୀମା ଡେଇଁପାରିବ ନାହିଁ ବୋଲି କହି ସୀତାଙ୍କୁ ନିଜେ ବାହାରକୁ ଆସିବାକୁ ପ୍ରବର୍ତ୍ତାଇଥିଲା। ଛଦ୍ମବେଶୀ ସନ୍ନ୍ୟାସୀଙ୍କ କଥାରେ ବିଶ୍ୱାସ କରି ସୀତା ଯେତେବେଳେ ସେହି ସୁରକ୍ଷା ରେଖା ଅତିକ୍ରମ କଲେ, ରାବଣ ନିଜର ପ୍ରକୃତ ରୂପ ପ୍ରକାଶ କରି ତାଙ୍କୁ ଜବରଦସ୍ତି ଅପହରଣ କରି ନେଇଥିଲା। ଏହି ପୌରାଣିକ ଘଟଣାରୁ ସ୍ପଷ୍ଟ ହୁଏ ଯେ ରାବଣ ସୀତାଙ୍କୁ ଅପହରଣ କରିବା ପାଇଁ ଶକ୍ତି ଅପେକ୍ଷା ଛଳନାକୁ ହିଁ ନିଜର ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଥିଲା।

ସେହି ଦିନଠାରୁ ଆରମ୍ଭ କରି ଆଜିର ଆଧୁନିକ ସମାଜ ପର୍ଯ୍ୟନ୍ତ, ଛଳନା ଆମ ଦୈନନ୍ଦିନ ଜୀବନର ଏକ କଠୋର ବାସ୍ତବତା ପାଲଟିସାରିଛି। ତଥ୍ୟ ଗୋପନ କରିବା ହେଉ କିମ୍ବା ମିଥ୍ୟାର ଆଶ୍ରୟ ନେବା ହେଉ, ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଇଚ୍ଛାକୃତ ଭାବେ ଏକ ଭ୍ରମାତ୍ମକ ପରିବେଶ ସୃଷ୍ଟି କରିବା। ସେଣ୍ଟ ଅଗଷ୍ଟିନ୍ ଅତୀତରେ ଲକ୍ଷ୍ୟ କରିଥିଲେ ଯେ ଛଳନା କେବଳ କଥାରେ ସୀମିତ ନଥାଏ, ବରଂ କାର୍ଯ୍ୟ ଏବଂ ନିରବତା ମଧ୍ୟରେ ବି ଲୁଚି ରହିଥାଏ। ବିବର୍ତ୍ତନବାଦୀ ଦୃଷ୍ଟିକୋଣରୁ ଦେଖିଲେ, ନିଜକୁ ବିପଦରୁ ରକ୍ଷା କରିବା, ଶାରୀରିକ ସୁଖ ପାଇଁ ସାଥୀଟିଏ ପାଇବା କିମ୍ବା ସାମାଜିକ ସୁବିଧା ହାସଲ କରିବା ପାଇଁ ଛଳନା ବଞ୍ଚିବାର ଏକ କୌଶଳ ଭାବେ ବିକଶିତ ହୋଇଥିଲା।

ଛଳନାର ମୁଖ୍ୟ ରୂପ ହେଉଛି ମିଥ୍ୟା, ଯାହା ମଣିଷର ଶୈଶବ ବା ଦୁଇ-ତିନି ବର୍ଷ ବୟସରୁ ହିଁ ଆରମ୍ଭ ହୋଇଥାଏ। କେତେକ ଗବେଷଣାରୁ ଜଣାପଡ଼ିଛି ଯେ ବୟସ୍କମାନଙ୍କ ତୁଳନାରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଥ୍ୟା କହିବାର ପ୍ରବୃତ୍ତି ଅଧିକ ଦେଖାଯାଏ। ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ସ୍ୱଭାବ, ଆତ୍ମସ୍ୱାର୍ଥ, ଅହଂକାର, ଦଣ୍ଡର ଭୟ କିମ୍ବା କଳ୍ପନା ପ୍ରଭୃତିରୁ ମିଥ୍ୟାର ଜନ୍ମ ହୋଇଥାଏ। ପିଲାମାନେ ଦୋଷରୁ ରକ୍ଷା ପାଇବା ପାଇଁ ମିଛ କହୁଥିବା ବେଳେ ବୟସ୍କମାନେ ନିଜର ଦୁର୍ବଳ ଆତ୍ମସମ୍ମାନକୁ ଲୁଚାଇବାକୁ କିମ୍ବା ନିଜର ଏକ ଆଦର୍ଶ ଛବି ସୃଷ୍ଟି କରିବାକୁ ସଫଳତାର ମନଗଢ଼ା କାହାଣୀ ସୃଷ୍ଟି କରନ୍ତି। କିନ୍ତୁ ଏ ସବୁ ମଧ୍ୟରେ ସବୁଠାରୁ ଆତ୍ମଘାତୀ ଆଚରଣ ହେଉଛି ଆତ୍ମ-ପ୍ରତାରଣା, ଯେଉଁଠି ଅନ୍ୟକୁ ଠକିବାକୁ ଯାଇ ମଣିଷ ନିଜକୁ ହିଁ ଠକି ବସେ।

ମନରେ କାପଟ୍ୟ ରଖି ବାହାରେ ସାଧୁତା ଦେଖାଇବାର ଏହି ଛଳନା ଆମର ପାରିବାରିକ ଓ ସାମାଜିକ ସମ୍ପର୍କଗୁଡ଼ିକରେ ଗଭୀର ଫାଟ ସୃଷ୍ଟି କରେ। ମିଥ୍ୟା ଆଚରଣ ବ୍ୟକ୍ତି ମନରେ ଅପରାଧବୋଧ ଏବଂ ଧରାପଡ଼ିବାର ଏକ ନିରନ୍ତର ଭୟ ଜନ୍ମାଏ, ଯାହା ମାନସିକ ଶାନ୍ତି ନଷ୍ଟ କରିବା ସହ ଅନ୍ୟ ଉପରେ ବିଶ୍ୱାସ ରଖିବାର ମାନସିକତାକୁ ହ୍ରାସ କରେ। ବ୍ୟକ୍ତିଗତ ଜୀବନରେ ମିଥ୍ୟା ଗୋଟିଏ ସମ୍ପର୍କକୁ ଭାଙ୍ଗିପାରେ, କିନ୍ତୁ ସାର୍ବଜନୀନ ଜୀବନରେ ଏହା ହଜାର ହଜାର ଲୋକଙ୍କ ନିଷ୍ପତ୍ତି ଓ ବିଶ୍ୱାସକୁ ପ୍ରଭାବିତ କରିଥାଏ। ତେବେ ସବୁ ମିଥ୍ୟା ସମାନ ନୁହେଁ; ସାମାଜିକ ହିତକର ମିଥ୍ୟା ଅନ୍ୟର ଭାବନାକୁ ରକ୍ଷା କରିବା ପାଇଁ କୁହାଯାଉଥିବା ବେଳେ ଅସାମାଜିକ ମିଥ୍ୟା କେବଳ କ୍ଷତି ପହଞ୍ଚାଇଥାଏ। ତେଣୁ କେବଳ ମିଛ କୁହାଗଲା କି ନାହିଁ ତାହା ବଡ଼ କଥା ନୁହେଁ, ବରଂ କାହା ହିତ ପାଇଁ କୁହାଗଲା ଏବଂ ତାହାର ପରିଣାମ କ'ଣ ହେଲା, ତାହା ହିଁ ମୁଖ୍ୟ ପ୍ରଶ୍ନ।

ଆମ ଭାରତୀୟ ସାଂସ୍କୃତିକ ଚେତନାରେ ଛଳନାର ଅନେକ ଉଦାହରଣ ରହିଛି। ମହାଭାରତର ଶକୁନିର କପଟ ପଶାଖେଳ, କଂସର ଶିଶୁ କୃଷ୍ଣଙ୍କୁ ମାରିବାର କ୍ରମାଗତ ଚକ୍ରାନ୍ତ କିମ୍ବା ଇନ୍ଦ୍ରଙ୍କ ଛଳନାର ଶିକାର ହୋଇଥିବା ଅହଲ୍ୟାଙ୍କ କାହାଣୀ ଏହାର ପ୍ରତ୍ୟକ୍ଷ ପ୍ରମାଣ। ବିଶ୍ୱ ଇତିହାସକୁ ଦେଖିଲେ ଗ୍ରୀକ୍ ପୁରାଣର ଟ୍ରୋଜାନ୍ ହର୍ସ, ନାଜି ଶାସନର ମିଥ୍ୟା ପ୍ରଚାର, ରାଷ୍ଟ୍ରମୁଖ୍ୟମାନଙ୍କ କୂଟନୈତିକ ଛଳନା ଓ ଭୂ-ରାଜନୈତିକ ଷଡ଼ଯନ୍ତ୍ର ମାନବ ସଭ୍ୟତାର କଳଙ୍କିତ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇରହିଛି। ଆଜିର ସମସାମୟିକ ଜୀବନରେ ମିଥ୍ୟା ରାଜନୈତିକ ପ୍ରତିଶ୍ରୁତି, ବିଭ୍ରାନ୍ତିକର ବିଜ୍ଞାପନ, ବିକୃତ ପରିସଂଖ୍ୟାନ, ଆର୍ଥିକ ଦୁର୍ନୀତି ଓ ସାଇବର ଅପରାଧ ଭଳି ଛଳନା ବ୍ୟକ୍ତି ତଥା ଅନୁଷ୍ଠାନକୁ ନିରନ୍ତର କ୍ଷତି ପହଞ୍ଚାଉଛି।

ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଛଳନାକୁ ଆହୁରି ଦ୍ରୁତ, ସୂକ୍ଷ୍ମ ଓ ବିଶ୍ୱାସଯୋଗ୍ୟ କରିଦେଇଛି। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସ୍ୱର କ୍ଲୋନିଂ, କାଳ୍ପନିକ ଚିତ୍ର ଓ ଜୀବନ୍ତ ଲାଗୁଥିବା ଡିପ୍-ଫେକ୍ ଭିଡିଓ ପ୍ରସ୍ତୁତି ଛଳନାକୁ ଏକ ବିନାଶକାରୀ ଶକ୍ତିରେ ପରିଣତ କରିଛି। ଆମେ ଏବେ ଏପରି ଏକ ଡିଜିଟାଲ୍ ଯୁଗରେ ପହଞ୍ଚିଛୁ, ଯେଉଁଠି କେବଳ ଆଖିରେ ଦେଖିବା କିମ୍ବା କାନରେ ଶୁଣିବା ମାତ୍ରେ କୌଣସି ଘଟଣାକୁ ସତ୍ୟ ବୋଲି ଗ୍ରହଣ କରିବା ସମ୍ଭବ ନୁହେଁ।

ଏଭଳି ଏକ ଡିଜିଟାଲ୍ କପଟାଚାରର ଯୁଗରେ ମାନବଜାତି ପାଇଁ ସବୁଠାରୁ ବଡ଼ ସୁରକ୍ଷା କବଚ ହେଉଛି ନିଜର ବିବେକବୋଧ। ସତ୍ୟର ଗତି ଧୀର ହୋଇପାରେ, କିନ୍ତୁ ଛଳନା ପରି ଏହା କେବେ ନିଜର ସଠିକ୍ ପଥରୁ ବିଚ୍ୟୁତ ହୁଏ ନାହିଁ। ତେଣୁ ସାମୟିକ ସୁବିଧା କିମ୍ବା ଲାଭ ଅପେକ୍ଷା ସାଧୁତା, ସତ୍ୟ ଏବଂ ସଚ୍ଚୋଟ ଚରିତ୍ରକୁ ବାଛିବା ଆମର କର୍ତ୍ତବ୍ୟ। ଆଜିର ଏହି ଛଳନାମୟ ଦୁନିଆରେ 'ସତ୍ୟମେବ ଜୟତେ'ର ପ୍ରାସଙ୍ଗିକତା ଅତ୍ୟନ୍ତ ଅଧିକ। ଆସନ୍ତୁ, ନିଜ ବିବେକର ଆହ୍ୱାନକୁ ଶୁଣି ଛଳନାକୁ ଦୂର କରିବା ଏବଂ ସତ୍ୟର ପଥକୁ ଆପଣେଇ ନେବା।

ଜାତୀୟ ଚେତନା
JATIYA CHETANA



# ‘ଯୁବପିଢ଼ି ବିଭାଜନର ବିଭୀଷିକା ସତ୍ୟ ଜାଣନ୍ତୁ’

ଭୁବନେଶ୍ୱର,(ଜା.ପ୍ର): ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଏବଂ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି।



ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ ‘ସଂକଳ୍ପ ଦିବସ’ ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼ ସ୍ଥାନାନ୍ତରଣ। ବିଭିନ୍ନ ସୂତ୍ରରୁ ମିଳିଥିବା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟି ଲୋକ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହୋଇଥିଲେ। ଏହି ସମୟରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ୫ ଲକ୍ଷରୁ ୨୦ ଲକ୍ଷ ନିରୀହ ଲୋକଙ୍କର ଜୀବନ ଯାଇଥିଲା ଏବଂ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ନିର୍ଯ୍ୟାତନାର ଶିକାର ହେବାକୁ ପଡ଼ିଥିଲା। ପାକିସ୍ତାନରୁ ଆସୁଥିବା ‘ବ୍ଲଡ୍ ଟ୍ରେନ୍’ ଓ ‘ଘୋଷ୍ଟ୍ ଟ୍ରେନ୍’ଗୁଡ଼ିକରେ କେବଳ ମୃତଦେହ ଭରି ରହିଥିଲା, ଯାହାର ପ୍ରଭାବ ଆଜି ବି ସେମାନଙ୍କ ବଂଶଧରଙ୍କ ମନରେ ରହିଛି। ସେ ସମୟରେ ମୁସ୍‌ଲିମ୍ ଲିଗ୍ ଓ କଂଗ୍ରେସର ନିଷ୍ପତ୍ତି ହିଁ ବିଭାଜନର ମୂଳ କାରଣ ଥିଲା ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଆଜି ବି ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ନଗଣ୍ୟ ହୋଇଯାଇଥିବା ବେଳେ ବାଙ୍ଗଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି। ଯେଉଁମାନେ ଏହି ବିଭୀଷିକାକୁ ସାଧାରଣ ଭାବେ ଦେଖୁଛନ୍ତି କିମ୍ବା ଶତ୍ରୁ ଭାବାପନ୍ନ ଦେଶ ସହ ବନ୍ଧୁତ୍ୱ ପାଇଁ ଆଗ୍ରହୀ, ସେମାନଙ୍କୁ ସ୍ୱାର୍ଥପର ଓ ଦେଶବିରୋଧୀ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।ଏହି ଛପାଯାଇଥିବା ଇତିହାସକୁ ଆଜିର ଯୁବପିଢ଼ି ଆଗରେ ଉଜାଗର କରିବା ପାଇଁ ଏନସିଇଆରଟି ପାଠ୍ୟପୁସ୍ତକରେ ବିଭାଜନର ବିଭୀଷିକାକୁ ସ୍ଥାନିତ କରାଯାଇଛି, ଯାହାଦ୍ୱାରା ଯୁବଶକ୍ତି ଭ୍ରମିତ ନ ହୋଇ ପ୍ରକୃତ ସତ୍ୟ ଜାଣିପାରିବେ। ଅପରପକ୍ଷରେ, ଦେଶାନ୍ତର ହୋଇ ଆସିଥିବା ଶରଣାର୍ଥୀଙ୍କ ମଧ୍ୟରୁ ଲାଲକୃଷ୍ଣ ଆଡଭାନୀ, ସ୍ୱର୍ଗୀୟ ମନମୋହନ ସିଂହ ଏବଂ ଫ୍ଲାଇଂ ଶିଖ୍ ମିଲ୍‌ଖା ସିଂହ ନିଜ କଠିନ ପରିଶ୍ରମ ବଳରେ ଶୀର୍ଷରେ ପହଞ୍ଚିଥିବା ବେଳେ, ପାକିସ୍ତାନ ଯାଇଥିବା ମୁସଲମାନମାନଙ୍କୁ ଆଜି ବି ସେଠାରେ ‘ମୋହାଜିର୍’ ଭାବେ ନିନ୍ଦିତ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୧ରୁ ଆରମ୍ଭ କରାଯାଇଥିବା ଏହି ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ପାଳନ ଆମକୁ ଘୃଣା ଓ ବିଦ୍ୱେଷର ପରିଣାମ ପ୍ରତି ସଚେତନ କରାଏ। ଆସନ୍ତାକାଲି ସ୍ୱାଧୀନତା ଦିବସ ଆନନ୍ଦର ସହ ପାଳନ କରିବା ସହ ଦେଶର ସାର୍ବଭୌମତ୍ୱ, ସୁରକ୍ଷା, ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଏହି କଳା ଇତିହାସର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସଜାଗ ରହିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଭାଜନର ଯନ୍ତ୍ରଣା, ବିଚ୍ଛେଦ ଓ ବଳିଦାନକୁ ମନେ ପକାଇ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଆଜିର ଦିନଟି କେବଳ ଏକ ସାଧାରଣ ଦିବସ ନୁହେଁ, ବରଂ ଏହା ଇତିହାସର ଏକ କଳା ଅଧ୍ୟାୟ ଯେଉଁଥିରେ ଅସଂଖ୍ୟ ନିରୀହ ଲୋକ ହିଂସାର ଶିକାର ହୋଇଥିଲେ। ଆମେ ଏହି ଇତିହାସକୁ କଦାପି ଭୁଲିବା ଉଚିତ ନୁହେଁ, କାରଣ ଇତିହାସକୁ ଭୁଲିଗଲେ ଆମେ ତାହା ପ୍ରଦାନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ବି ଭୁଲିଯିବା। ଆମ ସମସ୍ତଙ୍କର ଗୋଟିଏ ବଡ଼ ପରିଚୟ ହେଉଛି ଆମେ ‘ଭାରତୀୟ’ ଏବଂ ଏକ ନୂତନ, ସମୃଦ୍ଧ ଭାରତ ଗଠନରେ ସେହି ନିରୀହ ବଳିଦାନୀଙ୍କ ଅବଦାନ ସଦା ସ୍ମରଣୀୟ। ତେଣୁ ବିଭାଜନ ନୁହେଁ, ବରଂ ଏକତା ଓ ଅଖଣ୍ଡତା ଉପରେ ବିଶ୍ୱାସ ରଖି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଅର୍ଗାନାଇଜର ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ କେତ୍‌କର, ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ମହଲା, ଭାରତୀୟ ଇତିହାସ ସଂକଳନ ସମିତିର ଅଧକ୍ଷ ବିକ୍ରମ କେଶରୀ ମହାପାତ୍ର ଉପସ୍ଥିତ ଥିଲେ।

## ୬ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

# ସରକାରୀ ଜମିରେ ଗଞ୍ଜେଇ ଚାଷ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,(ଜା.ପ୍ର): ଏଣିକି ସରକାରୀ ଜମିରେ ଗଞ୍ଜେଇ ଚାଷ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟରେ ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କ୍ଷେତ୍ରସ୍ତରରେ ନିରନ୍ତର ଓ ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ଏ ସଂକ୍ରାନ୍ତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାର କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କୁ ସଜାଗ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଫସଲ ଋତୁରେ ଚାଲିଥିବା ଗଞ୍ଜେଇ ନଷ୍ଟ ଅଭିଯାନ ସମୟରେ ଓଡ଼ିଶା ପୋଲିସ୍ ପକ୍ଷରୁ ଉପରୋକ୍ତ ୬ଟି ଚିହ୍ନଟ ଜିଲ୍ଲାର ୪୧ଟି ଥାନା ଅଧୀନରେ ମୋଟ ୩୬,୫୦୮.୭୯୨ ଏକର ଅଞ୍ଚଳରେ ଥିବା ୧,୬୩୧ଟି ଜିପିଏସ-ମ୍ୟାପ୍‌ଡ୍ ଜମି ଖଣ୍ଡରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏଥିମଧ୍ୟରୁ ୬,୬୩୨.୧୯୭ ଏକର ଜମି ସରକାରୀ ରାଜସ୍ୱ ଜମି ବୋଲି ଚିହ୍ନଟ ହୋଇଛି। ବିଶେଷକରି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଅବୈଧ ଗଞ୍ଜେଇ ଚାଷରେ ଜଡ଼ିତ ବ୍ୟକ୍ତିମାନେ ପ୍ରତିବର୍ଷ ସମାନ ସରକାରୀ ରାଜସ୍ୱ ଜମିକୁ ପୁନର୍ବାର ଚାଷ ପାଇଁ ବ୍ୟବହାର କରିବାର ପ୍ରବଣତା ରହିଥିବାରୁ ଏଥିପ୍ରତି ସଜାଗ ରହିବାକୁ ରାଜସ୍ୱ ସଚିବ ଡ. ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ଫସଲ ଋତୁ ଆରମ୍ଭ ହୋଇଥିବାରୁ ପୂର୍ବରୁ ଚାଷ ନଷ୍ଟ କରାଯାଇଥିବା ଜମିରେ ପୁନର୍ବାର ଗଞ୍ଜେଇ ଚାଷ ହେବାର ଆଶଙ୍କା ରହିଥିବାରୁ ଏହି ଅଞ୍ଚଳଗୁଡ଼ିକରେ ବିଶେଷ ନଜର ରଖିବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ତହସିଲଦାର, ଅତିରିକ୍ତ ତହସିଲଦାର,ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ସୁପରଭାଇଜରମାନଙ୍କୁ ସମନ୍ୱିତ ପଦକ୍ଷେପ ନେବାକୁ କୁହାଯାଇଛି। ପୂର୍ବରୁ ଅବୈଧ ଗଞ୍ଜେଇ ଚାଷ ଚିହ୍ନଟ ଓ ନଷ୍ଟ କରାଯାଇଥିବା ସମସ୍ତ ସରକାରୀ ରାଜସ୍ୱ ଜମି ଉପରେ ନିରନ୍ତର ନଜର ତଥା ସତର୍କ ଦୃଷ୍ଟି ରଖିବା ସହ ଗାଆଁ ଏବଂ ପ୍ଲଟ୍ ଅନୁଯାୟୀ ସମ୍ପୃକ୍ତ ଜମିର ବିବରଣୀ ସହ ଜିପିଏସ କୋ-ଅର୍ଡିନେଟ୍ ସଂଗ୍ରହ କରି ପୂର୍ବରୁ ପ୍ରସ୍ତୁତ ରହିବାକୁ କ୍ଷେତ୍ରସ୍ତରର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରୀ ରାଜସ୍ୱ ଜମିରେ ପୁନର୍ବାର ଅବୈଧ ଗଞ୍ଜେଇ ଚାଷ ଚିହ୍ନଟ ହେଲେ ତୁରନ୍ତ ସମ୍ପୃକ୍ତ ଥାନା, ଏସଟିଏଫ କିମ୍ବା ଏଏନଟିଏଫକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ଗଞ୍ଜେଇ ଚାଷରେ ଲିପ୍ତ କୌଣସି ମାଫିଆ ବ୍ୟକ୍ତିବିଶେଷଙ୍କୁ କୌଣସି ରାଜସ୍ୱ ଅଧିକାରୀ ସହଯୋଗ କରୁଥିବାର ସୂଚନା ମିଳିଲେ ତୁରନ୍ତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଜାରି କରିଛନ୍ତି।



# ୨୪ ଜଣଙ୍କୁ ରାଷ୍ଟ୍ରପତି ପଦକ: ଜାନୁଆରୀ ୨୬ରେ ପ୍ରଦାନ କରିବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ, ପ୍ରଶଂସନୀୟ ଓ ସାହସିକତା (ବୀରତ୍ୱ) ସେବା ପାଇଁ ରାଷ୍ଟ୍ରପତି ପଦକ ଘୋଷଣା କରିଛନ୍ତି ଗୃହ ମନ୍ତ୍ରଣାଳୟ। ଓଡ଼ିଶା ପୁଲିସ୍, ଅଗ୍ନିଶମ, ହୋମଗାର୍ଡ ଓ ଜେଲ୍ ବିଭାଗକୁ ମିଶାଇ ମୋଟ ୨୪ ଜଣଙ୍କୁ ରାଷ୍ଟ୍ରପତି ପଦକ ଦିଆଯିବ। ଏହି ଅଧିକାରୀମାନଙ୍କୁ ୨୦୨୭ ଜାନୁଆରୀ ୨୬ରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପଦକ ପ୍ରଦାନ କରିବେ। ପୁଲିସ୍ ବିଭାଗରେ ୧୭ଜଣ, ଜେଲ୍ ବିଭାଗରେ ୨ ଜଣ, ଅଗ୍ନିଶମ ବିଭାଗ ରୁ ୩ଜଣଓ ହୋମ୍‌ଗାର୍ଡର ଜଣେ ଏହି ପଦକ ପାଇବେ। ସାହସିକତା ପାଇଁ ଓଡ଼ିଶାର ୫ ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ। ସେମାନେ ହେଲେ ସବ୍-ଇନ୍ସପେକ୍ଟର ମନ୍ମଥ କୁମାର ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, କମାଣ୍ଡୋ ସୁମନ ପୁନ୍ ଏବଂ କମାଣ୍ଡୋ ସୁରେଶ ଚନ୍ଦ୍ର ପୁଟା। ଉଲ୍ଲେଖନୀୟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ (ବିଶିଷ୍ଟ ସେବା) ପାଇଁ ଓଡ଼ିଶାର ୩ଜଣଙ୍କ ନାମ ଘୋଷଣା ହୋଇଛି। ସେମାନେ ହେଲେ ଆଣ୍ଟି ନକ୍ସଲ ଅପରେସନର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା (ଆଇପିଏସ୍) ଓ କଟକ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଡିଏସପି ସ୍ମିତାରାଣୀ ମହାନ୍ତି (ଓପିଏସ) ଏବଂ ଅଗ୍ନିଶମ ସେବାରୁ ଭୁବନେଶ୍ୱର ଓଫଡ୍ରାର ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ମଳୟ କୁମାର ମହାନ୍ତିଙ୍କୁ ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ପ୍ରଶଂସନୀୟ ସେବା ପାଇଁ ୧୬ଜଣଙ୍କୁ ପୁଲିସ ପଦକ ପ୍ରଦାନ କରାଯିବ ବୋଲି ନାମ ଘୋଷଣା ହୋଇଛି। ସେମାନେ ହେଲେ ପୁଲିସ ସେବାରୁ ନୟାଗଡ଼ ପିଟିଏସର ଡେପୁଟି କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଏସ.ଆଇ.ଡବ୍ଲ୍ୟୁର ଡିଏସପି ସୁରେଶ କୁମାର ବଳ, କଟକ ଭିଜିଲାନ୍ସ ଡିଏସପି ମନୋରଞ୍ଜନ ପାଇକରାୟ, ଏସଓଜି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମିନତି ନନ୍ଦନ ପଣ୍ଡା, କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ସୁନ୍ଦରଗଡ଼ ସବ-ଇନ୍ସପେକ୍ଟର ବରୁଣ କୁମାର ନାୟକ, ପୁରୀର ଡ୍ରାଇଭର ହାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ, ମାଲକାନଗିରିର ସି.ଆଇ. ହାବିଲଦାର ସୁବାଷ ଚନ୍ଦ୍ର ତ୍ରିନାଥ ଗୌଡ଼, କଟକ ଭିଜିଲାନ୍ସ କନଷ୍ଟେବଲ ମୁସ୍ତାକ ଅଲ୍ଲୀ ଖାନ ଏବଂ ମାଲକାନଗିରିର କନଷ୍ଟେବଲ କୁମାରୀ ଶ୍ୟାମଳୀ ବିଶ୍ୱାସ, ଅଗ୍ନିଶମ ସେବାରୁ ବାଲିଗୁଡ଼ାର ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଅମିତାଭ ରାଜ ଓ ଲାଇକେରା ଫାୟାର ଷ୍ଟେସନର ଡ୍ରାଇଭର ହାବିଲଦାର ନୁଏଲ କେରକେଟା, ଗୃହରକ୍ଷୀ ସେବାରୁ ପୁରୀର ଅଭିରାମ ସେଠୀ ଏବଂ କାରାଗାର ସେବାରୁ ସମ୍ବଲପୁର ସର୍କଲ ଜେଲର ମୁଖ୍ୟ କାରାରକ୍ଷୀ ପ୍ରମୋଦ କୁମାର ସ୍ୱାଇଁ ଓ ଗୁଣୁପୁର ସବ-ଜେଲର କାରାରକ୍ଷୀ ବିଶ୍ୱନାଥ ପଣ୍ଡା।

# ଦଶ ଦିନ ଧରି ଅନ୍ଧାରରେ ନାରଦମୁଣ୍ଡା

## ଟ୍ରାନ୍ସଫର୍ମର ମରାମତି ଓ ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଢେଙ୍କାନାଳ,(ଜା.ପ୍ର): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମହାବିରୋଡ଼ ଅଞ୍ଚଳର ପଙ୍ଗାତିରା ପଞ୍ଚାୟତ ସ୍ଥିତ ନାରଦମୁଣ୍ଡା ସାହିରେ ଦୀର୍ଘ ଦଶ ଦିନ ଧରି ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ପରଜଙ୍ଗ ବିଧାୟକଙ୍କ ଗ୍ରାମରେ ଏପରି ସମସ୍ୟା ଦେଖାଦେଇଥିଲେ ହେଁ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନାଯୋଗ୍ୟ ଯେ, ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ିଯିବା ଫଳରେ ଗତ ଦଶ ଦିନ ହେଲା ସାହିବାସୀ ଅନ୍ଧାରରେ ଦିନ କାଟୁଛନ୍ତି। ରାତି ହେଲେ ଲୋକଙ୍କୁ ବିଭିନ୍ନ ବିକଳ୍ପ ଉପାୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଦୈନନ୍ଦିନ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଯାଇଥିଲେ ସୁଦ୍ଧା କୌଣସି ଶୁଣାଣି ହୋଇନାହିଁ। ଅପରପକ୍ଷରେ, ଗ୍ରାମର ମାଟି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ପାଞ୍ଚ ବର୍ଷ ହେଲା କୌଣସି ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଦିନେ ରାସ୍ତା କାଦୁଅମୟ ହୋଇପଡୁଥିବାରୁ ବିଦ୍ୟାଳୟ ଓ ଚିକିତ୍ସାଳୟ ଯିବା ଆସିବା କରିବାରେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ପୂର୍ବରୁ ନେତାମାନେ ଗ୍ରାମକୁ ଆସି ବଡ଼ ବଡ଼ ସଭା ସମିତି କରୁଥିବା ବେଳେ ବର୍ତ୍ତମାନ ଲୋକଙ୍କ ସମସ୍ୟା ସମୟରେ କାହାରି ଦେଖା ମିଳୁନାହିଁ ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର ବଦଳାଇ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବା ସହ ଗ୍ରାମକୁ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଜାତୀୟ ଚେତନା
JATIYA CHETANA





# ସମ୍ପର୍କ

ସେ ମୋ' ଆଗରୁ ଆସି ଅପେକ୍ଷା କରିଥିଲେ। ସେ ଯେ ପ୍ରଥମେ ଆସିବେ ଓ ମୋତେ ଅପେକ୍ଷା କରି ବସିବେ, ସେଇଟା ମୁଁ ଭଲ ଭାବରେ ଜାଣେ। ଆମ ବୁଝାମଣାରେ ଅନେକ କିଛି ବ୍ୟବସ୍ଥା ବଦଳିଯାଇଛି। ସେଇଟା କେବଳ ଗୋଟିଏ ସାଧାରଣ ବୁଝାମଣା ନଥିଲା, ବରଂ ସମୟଠାରୁ ଆଗେ ଆଗେ ଚାଲିବାର ଯେଉଁ ଅଦୃଶ୍ୟ ପ୍ରତିଯୋଗିତା, ତାହା ବୋଧହୁଏ ମୋ ସହିତ ସାଧାରଣ ଅଭ୍ୟାସରେ ପରିଣତ ହୋଇଗଲାଣି। ଏବେ ମୋର ଆଉ ସେଥିପାଇଁ କୌଣସି ସଙ୍କୋଚ କିମ୍ବା ସନ୍ଦେହ ସୃଷ୍ଟି ହୁଏନାହିଁ। ସେ ସବୁବେଳେ ଜିତୁ, ମୁଁ ଜାଣିଶୁଣି ହାରିଯାଏ, କାରଣ ସେହି ହାରିଯିବା ଭିତରେ ହିଁ ମୋର ପ୍ରକୃତ ଆତ୍ମସନ୍ତୋଷ ଓ ଆନନ୍ଦ ନିହିତ ଥାଏ। ତାଙ୍କ ଜିତିବାରେ ମୋର ଜିତିବା ଲୁଚିରହିଥାଏ, ଯାହାକୁ ବୁଝିବା ପାଇଁ ସାଧାରଣ ମାନସିକତା ଅପ୍ରଚୁର। ଆମ ଭିତରେ ଥିବା ଏହି ଅଦୃଶ୍ୟ ପ୍ରତିଯୋଗିତା କୌଣସି ପ୍ରତି ଷସଦ୍ବଦ୍ବବ କିମ୍ବା ପ୍ରତିଶୋଧର ପରିଣାମ ନଥିଲା, ବରଂ ଏହା ଥିଲା ପରସ୍ପରକୁ ବୁଝିବାର ଏକ ନିବିଡ଼ ସେତୁ।

ସେତେବେଳେ ସେହି ସାଧାରଣ କୋଠରୀର ଗୋଟିଏ ନିରୋଳା କୋଣରେ ପଡ଼ିଥିବା କାଠ ଚେୟାରରେ ସେ ବସିଥିଲେ। ମୋତେ ଦେଖି ଚିହ୍ନିଗଲେ, ତାଙ୍କ ଚେହେରାରେ ଯେଉଁ ଧୀର, ନିଷ୍କପଟ ଓ ପ୍ରଶାନ୍ତ ହସ ଫୁଟିଉଠିଲା, ତାହା ମୋତେ ଚିହ୍ନିବାର ସବୁଠାରୁ ବଡ଼ ପ୍ରମାଣ ଦେଉଥିଲା। ମୁଁ ଯାଇ ତାଙ୍କ ସାମ୍ନାରେ ରଖାଯାଇଥିବା ଛୋଟ ଚେୟାରଟିରେ ବସିଲି। ମୋତେ ଅନୁଭୂତ ହେଉଥିଲା ଯେମିତି ମୁଁ ଓ ସେ ସମୟର ସୀମାରେଖା ପାର ହୋଇ ବହୁ ବର୍ଷ ପଛକୁ ଫେରିଯାଇଛୁ। ସେତେବେଳେ ଆମେ ଯେମିତି କଥା ହେଉଥିଲୁ, ଆଜି ବି ଠିକ୍ ସେମିତି। କୌଣସି କୃତ୍ରିମତା ନଥିଲା, କୌଣସି ଦୋହରା ଚରିତ୍ର ନଥିଲା, କେବଳ ଭାବନାର ଏକ ସହଜ, ସ୍ୱାଭିମାନୀ ଓ ସ୍ୱାଭାବିକ ଆଦାନପ୍ରଦାନ ଚାଲିଥିଲା। ଆମ ଆଖପାଖର ଜଗତ କେତେ ଜଟିଳ ଓ ଦ୍ରୁତ ଗତିରେ ବଦଳିଯାଇଛି, ମାତ୍ର ଏହି ଚାରି କାନ୍ଥ ଭିତରେ ସମୟ ଯେମିତି ନିଜର ଗତି ହରାଇ ସ୍ଥିର ହୋଇଯାଇଥିଲା।

'କ'ଣ ହେଲା ? ଆସିବାରେ ଏତେ ଡେରି କାହିଁକି ହେଲା ?' ଏମିତି କୌଣସି ଅଭିଯୋଗପୂର୍ଣ୍ଣ ପ୍ରଶ୍ନ ସେ ମୋତେ ପଚାରିଲେ ନାହିଁ। ସେ ମୋ'ର ବ୍ୟସ୍ତତା, ମୋ'ର ପରିସ୍ଥିତି, ସଂସାରର ଜଟିଳତା ଓ ମୋ'ର ଦୈନନ୍ଦିନ ଜୀବନର ପ୍ରତିବନ୍ଧକକୁ ବେଶ୍ ଭଲ ଭାବରେ ଜାଣନ୍ତି। ଜୀବନର ଏହି ଆବର୍ତ୍ତ ମଧ୍ୟରେ ମଣିଷ କିପରି ସମୟ ସହ ସଂଗ୍ରାମ କରେ, ତାହା ତାଙ୍କଠାରୁ ଅଧିକ କିଏ ବା ବୁଝିପାରିବ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନର ସଂଗ୍ରାମରେ ବ୍ୟସ୍ତ, ଆଉ ସେହି ବ୍ୟସ୍ତତା ଭିତରେ ସମୟ ବାହାର କରି ପହଞ୍ଚିବା ଯେ କେତେ କଷ୍ଟକର, ତାହା ତାଙ୍କୁ ବୁଝାଇବାକୁ ପଡୁନଥିଲା।

'ହଁ, ମୁଁ ତ ଶୀଘ୍ର ଆସୁଥିଲି...' ମୁଁ କିଛି ସଫେଇ ଦେବାକୁ ଚେଷ୍ଟା କରି କହିଲି।

'ଜାଣିଛି, ସେଥିପାଇଁ କିଛି କହିବାର ଆବଶ୍ୟକତା ନାହିଁ।' ମୁଁ କେବଳ ମୁଣ୍ଡ ଟୁଙ୍ଗାରି ହସିଦେଲି। ସେ ସବୁବେଳେ ମୋତେ ସାହାଯ୍ୟ କରୁଥିଲେ, ମୋ'ର ସମସ୍ତ ଗ୍ରହଣ-ବର୍ଜନ, ଶୂନ୍ୟତା, ନୀରବତା ଓ ବ୍ୟସ୍ତତାକୁ କଥା ନକହି ବି ବୁଝିପାରୁଥିଲେ। କିଛି ନକହି ସବୁ କିଛି ବୁଝିବାର ଏହି ଯେଉଁ ଅଦ୍ଭୁତ କଳା, ତାହା କେବଳ କିଛି ନିର୍ଦ୍ଦିଷ୍ଟ ଆତ୍ମୀୟ ସମ୍ପର୍କ ଭିତରେ ହିଁ ସମ୍ଭବ ହୋଇଥାଏ। ଭାଷାର ସୀମା ଯେଉଁଠି ଶେଷ ହୁଏ, ସେହିଠାରୁ ହିଁ ହୃଦୟର ପ୍ରକୃତ କଥାବାର୍ତ୍ତା ଆରମ୍ଭ ହୋଇଥାଏ।

ଗୋଟିଏ ଛୋଟ ଟେବୁଲ୍, ଚାରିପାଖରେ କିଛି ପୁରୁଣା ଚେୟାର, ଆଉ ସେହି ନିର୍ଜନ ପରିବେଶରେ ଆମେ ଦୁଇଜଣ ବସିଥିଲୁ। ଆମେ କିଛି ସମୟ କଥା ହେବା ପରେ ଦୁହେଁ ନୀରବ ହୋଇଗଲୁ। ସେହି ଗଭୀର ନୀରବତା ଭିତରେ ଶବ୍ଦ ଅପେକ୍ଷା ଅନେକ ଅଧିକ ଭାବପ୍ରବୃତ୍ତି ପ୍ରକାଶ ପାଇଗଲା, ଯାହା ବୋଧହୁଏ ହଜାରେ ପୃଷ୍ଠାର କଥାରେ ବି ସମ୍ଭବ ହୋଇନଥାନ୍ତା। ସମୟ ସେତେବେଳେ ଯେମିତି ଥମିଯାଇଥିଲା, ଆଉ ସେହି ନୀରବତା ହିଁ ଆମ ଦୁହିଁଙ୍କ ମଧ୍ୟରେ ଅଭେଦ୍ୟ ସେତୁ ପାଲଟିଯାଇଥିଲା। ନୀରବତା ଭିତରେ ବି ଯେଉଁ ସଂଳାପ ଥାଏ, ତାହା ଶବ୍ଦଠାରୁ ଅନେକ ଗୁଣରେ ଗଭୀର ଓ ସ୍ପଷ୍ଟ।

ମୁଁ ଗୋଟିଏ କଥା ସତତ ଲକ୍ଷ୍ୟ କରୁଥିଲି- ସେ ବର୍ଷ ବର୍ଷ ଧରି ଯେମିତି ଥିଲେ, ଆଜି ବି ଠିକ୍ ସେମିତି ଅଛନ୍ତି। କେବଳ ମୋ'ର ବୟସ ବଢ଼ିଯାଇଛି, ମୋ' ଭିତରେ ଜଗତର ନିୟମାନୁସାରେ ଓ ସାମାଜିକ ପ୍ରଭାବରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ତାଙ୍କ ଚେହେରାରେ ସେହି ସାନ୍ତ୍ୱନାଦାୟୀ ପ୍ରଶାନ୍ତତା, ସେହି ନିଷ୍କପଟ ହସ, ଯାହା ମୋତେ ପ୍ରଥମ ଦିନରୁ ଆକର୍ଷିତ କରିଆସୁଥିଲା, ତାହା ଆଜି ବି ଅକ୍ଷୁଣ୍ଣ ରହିଛି। ସେ ଯେମିତି ସଂସାରର ସମସ୍ତ କାଳିମା, କୁସଂସ୍କାର ଓ ବୈଷମ୍ୟରୁ ଅନେକ ଦୂରରେ, ଏକ ପବିତ୍ର ଓ ନିରପେକ୍ଷ ବଳୟ ଭିତରେ ବାସ କରୁଛନ୍ତି। ତାଙ୍କ ମୁହଁର ସେହି ଆଭା ମୋତେ ପୁଣି ଥରେ ନିଜ ନିଜପଣର ଅନୁଭୂତି ଦେଉଥିଲା।

ଆମେ କିଛି ସମୟ ପାଇଁ ଅତୀତର ସ୍ମୃତି ଗୁଡ଼ିକୁ ମନେ ପକାଇଲୁ। ସେହି ପୁରୁଣା ଦିନଗୁଡ଼ିକ, ଯେତେବେଳେ ଜୀବନ ସମୀକରଣ ବହୁତ ସରଳ ଥିଲା, କୌଣସି ଦୋହରା ନୀତି, ସଂକୁଚିତ ଚିନ୍ତାଧାରା କିମ୍ବା ଜଟିଳ ସର୍ତ୍ତ ନଥିଲା। ସେଠାରେ କେବଳ ନିର୍ମଳ ସମ୍ପର୍କ, ସଚ୍ଛୋଟତା, ଆତ୍ମୀୟତା ଓ ଗୋଟିଏ ଚିରସ୍ମରଣୀୟ ଅଭୁଲା ସ୍ମୃତିର ସାମ୍ରାଜ୍ୟ ଥିଲା। ସେହି ସ୍ମୃତିଗୁଡ଼ିକ ଆଜି ବି ମନର କୋଣରେ ଗୋଟିଏ ଗୋଟିଏ ଜ୍ୱଳନ୍ତ ପ୍ରଦୀପ ଭଳି ଜଳୁଛି, ଯାହା ଜୀବନର ଅନ୍ଧକାରମୟ ମୁହୂର୍ତ୍ତରେ ଆଲୋକର ବାଟ ଦେଖାଏ। ସେହି ଶୈଶବ ଓ କୈଶୋରର ଦିନଗୁଡ଼ିକରେ କୌଣସି ସ୍ୱାର୍ଥ ସମ୍ବନ୍ଧ ନଥିଲା, ନଥିଲା କୌଣସି ମାନ-ଅଭିମାନର ସଙ୍କୀର୍ଣ୍ଣତା।

ଆମ ସମାଜରେ ଆଜି ପ୍ରତ୍ୟେକ ବ୍ୟକ୍ତି ନିଜର ଆବଶ୍ୟକତା ଓ ସୁବିଧା ଅନୁସାରେ ସମ୍ପର୍କର ସଂଜ୍ଞା ବଦଳାଇବାରେ ଲାଗିଛି। ସ୍ୱାର୍ଥପରତା ଓ କୃତ୍ରିମତାର ଏହି ନିଷ୍ଠୁର ପୃଥିବୀରେ ନିଃସ୍ୱାର୍ଥପର ଭାଲପାଇବା ଓ ପବିତ୍ର ବୁଝାମଣା ଖୋଜି ପାଇବା ଅତ୍ୟନ୍ତ ଦୁର୍ଲଭ। ମାତ୍ର ଏହି ସବୁ ସାମାଜିକ ଅବକ୍ଷୟ ମଧ୍ୟରେ ବି ଆମ ଦୁହିଁଙ୍କ ମଧ୍ୟରେ ଥିବା ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହିଆସିଛି। ଏଠାରେ ନା କୌଣସି ଦାବି ଅଛି, ନା କୌଣସି ପ୍ରତ୍ୟାଶାର ବୋଝ। ପ୍ରତ୍ୟେକ ମଣିଷ ନିଜ ସ୍ୱାର୍ଥସାଧନ ପାଇଁ ଅନ୍ୟକୁ ମାଧ୍ୟମ ବନାଉଥିବା ବେଳେ, ଏହି ସମ୍ପର୍କ କେବଳ ଗୋଟିଏ ନିରାଟ ଶ୍ରଦ୍ଧାର ଆଧାର ଉପରେ ଛିଡ଼ା ହୋଇଥିଲା।

ମୋର ମନେପଡ଼େ, ସେତେବେଳେ ଯେତେବେଳେ ସମଗ୍ର ଜଗତ ମୋତେ ବୁଝିବାରେ ଭୁଲ୍ କରୁଥିଲା, ସେତେବେଳେ କେବଳ ସେ ହିଁ ମୋ ପଛରେ ନିଶ୍ଚଳ ଭାବେ ଛିଡ଼ା ହୋଇଥିଲେ। ତାଙ୍କର ସେହି ଦୃଢ଼ତା ମୋତେ ଜୀବନର ପ୍ରତ୍ୟେକଟି ସଂଗ୍ରାମରେ ଜିତିବାର ଶକ୍ତି ଯୋଗାଉଥିଲା। ଲୋକଙ୍କ ସମାଲୋଚନା ଓ ନିନ୍ଦାର ବାଣ ଆସି ବାଜିବା ବେଳେ ସେ ଥିଲେ ମୋର ସୁରକ୍ଷା କବଚ। ଆଜି ସେହି ସମସ୍ତ ମୁହୂର୍ତ୍ତ ଗୋଟିଏ ପରେ ଗୋଟିଏ ମୋର ଚକ୍ଷୁ ସମ୍ମୁଖରେ ସଜୀବ ହୋଇଉଠୁଥିଲା। ସମୟର ବାଲୁକା ବେଳାଭୂମିରେ କେତେ ପାଦଚିହ୍ନ ଆସେ ଆଉ ସମୁଦ୍ରର ଲହଡ଼ିରେ ଲିଭିଯାଏ, ମାତ୍ର କିଛି ପାଦଚିହ୍ନ ପଥରର ଗାର ଭଳି ଅକ୍ଷୁଣ୍ଣ ରହିଯାଏ। ଆମର ଏହି ଗୋପନ ବୁଝାମଣା ଓ ସମ୍ପର୍କ ମଧ୍ୟ ସେହିପରି। ଜୀବନର ଅସଂଖ୍ୟ ବାତ୍ୟା ଓ ଝଡ଼ ପାର ହୋଇ ଆସିବା ପରେ ବି ଏହା ଆଜି ସ୍ୱଚ୍ଛ ଓ ସତେଜ ରହିଛି। ଏହା କୌଣସି ନିର୍ଦ୍ଦିଷ୍ଟ ସାମାଜିକ ଚୁକ୍ତି କିମ୍ବା ବନ୍ଧନ ଉପରେ ଆଧାରିତ ନୁହେଁ, ବରଂ ଏହା ଦୁଇଟି ଆତ୍ମାର ଏକ ଅଦୃଶ୍ୟ ସଂଯୋଗ।

ସେ ପୁଣି ଥରେ ମୋ ଆଡ଼କୁ ଚାହିଁଲେ। ତାଙ୍କ ଆଖିରେ ଥିଲା ଅପାର କରୁଣା ଓ ଶାନ୍ତି। ଜୀବନର ଏହି ଦୀର୍ଘ ଯାତ୍ରାରେ ଆମେ କେତେ କିଛି ହରାଇଛୁ, କେତେ କିଛି ପାଇଛୁ, କିନ୍ତୁ ଏହି ଶାନ୍ତ କୋଠରୀରେ ବସିବା ପରେ ସେହି ସବୁ ସାଂସାରିକ ଲାଭ-କ୍ଷତିର ହିସାବ ସମ୍ପୂର୍ଣ୍ଣ ଅର୍ଥହୀନ ମନେହେଉଥିଲା। ଏଠାରେ କେବଳ ଆମ ଦୁହିଁଙ୍କର ସତ୍ତା ଓ ଆମ ଭିତରେ ଥିବା ଚିରନ୍ତନ ସମ୍ପର୍କ ହିଁ ସତ୍ୟ ଥିଲା।

ସମୟର ସ୍ରୋତରେ ଗଡ଼ିଚାଲିଥିବା ଆମ ଜୀବନର ନୌକା କେତେବେଳେ କେଉଁ କୂଳରେ ଲାଗିବ, ତାହା କେହି ଜାଣନ୍ତି ନାହିଁ। କିନ୍ତୁ ଆଜିର ଏହି କ୍ଷଣିକ ସାକ୍ଷାତକାର ମୋତେ ଅନୁଭବ କରାଇଲା ଯେ ଜୀବନର ବାସ୍ତବ ସମ୍ପଦ ହେଉଛି ଏହିପରି କିଛି ନିରୋଳା ମୁହୂର୍ତ୍ତ, ଯାହା ମଣିଷକୁ ଭିତରୁ ସମୃଦ୍ଧ ଓ ଶାନ୍ତ କରିଥାଏ। ସମାଜର କୋଳାହଳ, ପ୍ରତିଯୋଗିତା ଓ ଅହଂକାରଠାରୁ ଅନେକ ଦୂରରେ ଏହି ସମ୍ପର୍କର ପବିତ୍ରତା ବାରିହୋଇପଡ଼େ। ନିଜ ଭିତରର କଳୁଷତାକୁ ଧୋଇ ଦେଇ ଶୁଦ୍ଧ ହେବାର ଏହା ଥିଲା ଏକ ଅପୂର୍ବ ସୁଯୋଗ। ଜୀବନର ସନ୍ଧ୍ୟା ସମୟରେ ଯେତେବେଳେ ସବୁ କିଛି ମୂଲ୍ୟହୀନ ଲାଗେ, ସେତେବେଳେ ଏହିପରି ସମ୍ପର୍କଗୁଡ଼ିକ ହିଁ ଜୀବନର ପ୍ରକୃତ ସାରବତ୍ତା ପ୍ରମାଣିତ ହୁଅନ୍ତି। ସେଠାରେ ନା ଥାଏ ନିଜକୁ ଶ୍ରେଷ୍ଠ ପ୍ରମାଣ କରିବାର ଆକାଂକ୍ଷା, ନା ଥାଏ ଅନ୍ୟକୁ ହେୟ ଜ୍ଞାନ କରିବାର ସଂକୀର୍ଣ୍ଣତା। କେବଳ ଥାଏ ସହଜ ନିରପେକ୍ଷତା, ଯାହା ମଣିଷକୁ ପ୍ରକୃତ ସ୍ୱାଧୀନତା ପ୍ରଦାନ କରେ।

କଥାବାର୍ତ୍ତାର ଶେଷ ଆଡ଼କୁ ସେ ମୋ ଆଡ଼କୁ ଚାହିଁ, ନିଜର ସହଜ ସ୍ମିତହାସ ଦେଇ କହିଲେ, 'ତୁମେ ଜୀବନରେ ଯେତେ ବଡ଼ ହୁଅ ନା କାହିଁକି, ପରିସ୍ଥିତି ଯେତେ ବଦଳିଯାଉ ନା କାହିଁକି, ମୋ' ପାଇଁ ତୁମେ ସେହି ଆଗର ସରଳ ମଣିଷଟି ହୋଇ ରହିବ।' ଏହି କେତୋଟି କଥା ମୋ ହୃଦୟର ଗଭୀରତମ କୋଣକୁ ସ୍ପର୍ଶ କଲା। ମୁଁ ଗଭୀର ଭାବେ ଅନୁଭୂତ କଲି ଯେ ସଂସାରର ନିୟମାନୁସାରେ ସମୟ ସହ ସମ୍ପର୍କ, ମଣିଷ ଓ ସେମାନଙ୍କର ଆଚରଣ ବଦଳିପାରେ; ମାତ୍ର ଆତ୍ମାର ସ୍ତରରେ ଗଢ଼ାଉଠିଥିବା କିଛି ନିରପେକ୍ଷ ସମ୍ପର୍କ କୌଣସି ସର୍ତ୍ତ କିମ୍ବା ବୟସର ସୀମାରେ ବାନ୍ଧିହୁଅନ୍ତି ନାହିଁ। ସେଗୁଡ଼ିକ ସଦାସର୍ବଦା ଅପରିବର୍ତ୍ତିତ, ସ୍ୱଚ୍ଛ, ନିର୍ଦ୍ଦୋଷ ଓ ଅମର ହୋଇ ରହିଯାଆନ୍ତି। ଏହି ଅପରିବର୍ତ୍ତନୀୟ ସତ୍ୟ ହିଁ ଜୀବନର ସବୁଠାରୁ ବଡ଼ ସାରବତ୍ତା, ଯାହା ସମୟର ସୀମା ଓ ସଂସାରର ସମସ୍ତ ସର୍ତ୍ତକୁ ଅତିକ୍ରମ କରି ଚିରକାଳ ଜାଜ୍ୱଲ୍ୟମାନ ହୋଇ ରହିଥାଏ।

**ପୁଷ୍ପାଞ୍ଜଳି ପଲାଇ**
*ନିମାପଡ଼ା, ପୁରୀ*

# ଅସମାହିତ ପ୍ରଶ୍ନ

କିଏ ଜଣେ ନିରେଖି ଦେଖୁଥିଲା ସେଦିନ ଏହି ସହରର କୋଳାହଳମୟ ଗାଡ଼ିମୋଟରର ଶବ୍ଦର ଖଣ୍ଡେ ଦୂରରେ ଓଭର ବ୍ରିଜ୍ ନିକଟରେ ସାମାନ୍ୟ ଅନ୍ଧାରିଆ ନିରୋଳା ଜାଗାଟିରେ ଠିଆ ହୋଇଥିଲେ। ଦୁଇ ଜଣ ଯୁବକଯୁବତୀ, ସନ୍ଧ୍ୟା ଆକାଶର ଖୋଲା ଛାତ ତଳେ ଖୁବ୍ ପାଖାପାଖି ଦୁହେଁ ଖୁବ୍ ନିକଟତର ଅନ୍ତରଙ୍ଗ ଜଣା ପଡୁ ଥିଲେ। ଝିଅଟିର ନିରୀହପଣ ଛଳଛଳ ଆଖି କେତେ ଅକୁହା କଥା କହୁଥିଲା ତା' କୋମଳ ଭାଷାରୁ ଭାସିଆସୁଥିଲା ଆପଣାର ପଣରେ କେତେ ମାନ ଅଭିମାନ।

ଆଖିରୁ ଝରି ପଡୁଥିଲା ଝରଝର ଅମାନିଆ ସ୍ନେହ ପ୍ରେମ ମିଶା ମୁକ୍ତା ବିନ୍ଦୁର ଝର। ମୁଁ ବି କିଛି ଦୂରରୁ ନିରେଖି ଦେଖୁଥିଲି ସେ ମୁକ୍ତା ବିନ୍ଦୁ ଭିତରୁ ଝଲସି ଉଠୁଥିଲା, ତା'ର ତୁମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଭାବ। ତୁମର ସେ ଅବୁଝା ପଣକୁ ସେ ସହ୍ୟ କରୁ ଥିଲା ଅତି ସନ୍ତର୍ପଣରେ-ତୁମେ ସେହି ଯୁବକ ନା ?

ସବୁ ଲାଜ ସରମକୁ ବଳି ପକାଇ ତୁମକୁ କିଏ ଦେଖୁଥିଲା ନ ଦେଖୁଥିଲା ସେ ଆଡ଼କୁ ନିଘା ନ କରି ଯୁବତୀଟିକୁ ପାଗେଳି ବୋଲି ସମ୍ବୋଧନ କରି ଖୁବ୍ ନିବିଡ଼ ତାର ସହ ତାକୁ କୋଳେଇ ନେଇଥିଲା ଏବଂ କହିଥିଲା- ମୁଁ ତୁମକୁ ଖୁବ୍ ଭଲପାଏ 'ଶ୍ରଦ୍ଧା'। ଖୁବ୍ ଭଲ ପାଇବାର ସମ୍ପର୍କ ଡୋରିକୁ ଶକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲ ସେଦିନ ତାକୁ। ସେହି ଭଲପାଇବାରେ ହିଁ ସେ ଖୋଜୁଥିଲା, ତା' ବିଶ୍ୱାସର ପବିତ୍ର ସମ୍ପର୍କର ବନ୍ଧନରେ ଗଢ଼ିବ ସେ ସ୍ୱପ୍ନର ତାଜମହଲ। ତା' ପୂର୍ବରୁ ତୁମଠାରୁ ତାର ଆଉ କିଛି ପାଇବାର ଆଶା ନା ହରେଇବାର ଇଛା ଥିଲା। ମାତ୍ର ତା' ସ୍ନେହ ମମତା, ଭଲପାଇବାର ଅଧିକାର ପଣରେ ସେ ଦୌଡ଼ି ଆସୁଥିଲା ବାର୍ ବାର୍ ତୁମ ପାଖକୁ ସେହି ବିଶ୍ୱାସ ଭରସାକୁ ସାଥୀ କରି। ଦୁଃଖସୁଖର ଭାଗ ବଣ୍ଟାରେ କଟି ଯାଉଥିଲା ସମୟ। ଖୁସିର ତାଳେ ତାଳେ କେତେ ଅକୁହା ଯନ୍ତ୍ରଣା ପ୍ରଶମିତ ହେଉଥିଲା। ପରସ୍ପରର ଅଜାଣତରେ ମନ ଆନନ୍ଦରେ ପୁରି ଯାଉଥିଲା।

ମୁହୂର୍ତ୍ତ, ମୁହୂର୍ତ୍ତ ସୁଖକୁ ସାଉଁଟି ସ୍ମୃତିରେ ସାଇତି ରଖିବାକୁ ସଦା ସ୍ୱପ୍ନ ଦେଖୁଥିଲା ଶ୍ରଦ୍ଧା। କିଏ କ'ଣ ଭାବିବ ନ ଭାବିବ ସେ କଥା କୁ ତା'ର ଖାତିର ନଥିଲା। କାରଣ ସେ ତା' ମନ ହୃଦୟ ଆତ୍ମାକୁ ସମର୍ପି ଦେଇଥିଲା ତା' ବିଶ୍ୱାସୀ ଆତ୍ମୀୟ ଲୋକ ପାଖରେ। ସେହି ଭଲ ପାଇବାର ଅଧିକାରର ଆପଣାର ପଣରେ ତା' ମନରେ ଉଙ୍କି ମାରୁଥିବା ଏକ ଅଭିମାନ ଭରା ପ୍ରଶ୍ନଟିଏ ବାଢ଼ିଥିଲା ସେଦିନ ସେ ତୁମ ପାଖରେ। ସେ ଜାଣି ନଥିଲା ତା'ର ସାମାନ୍ୟ ଛୋଟ ପ୍ରଶ୍ନଟିଏ ଏତେ ବଡ଼ ଝଡ଼ ସୃଷ୍ଟି କରିବ। ତା' ଭଲ ପାଇବା ମଧୁର ପବିତ୍ର ସମ୍ପର୍କର ତ୍ୟାଗରେ ବିଚ୍ଛିନ୍ନ ତା'ର ସେତୁ ବନ୍ଧା ହେବ। ଆଜି ଯାଏ 'ଶ୍ରଦ୍ଧା' ସହିତ ଯାହା ଚାଲିଥିଲା, ସବୁ ଥିଲା ଯେମିତି ମିଥ୍ୟା, ଛଳନା। ସେ ପାଗେଳି ମନରେ ଆଜି ଅନେକ ଅସମାହିତ ପ୍ରଶ୍ନ। କୁଆଡ଼େ ଗଲା ତୁମର ସେଦିନର ସେ ପ୍ରତିଶ୍ରୁତି ? କୁଆଡ଼େ ଗଲା ତୁମର ସେ ବଜ୍ର ଶପଥ, କୁଆଡ଼େ ଗଲା ତୁମର ସେ ପ୍ରତିଶ୍ରୁତିର ପୌରୁଷ ପଣିଆ। ଆପଣାର ଦମ୍ଭପଣ। ତୁମେ ତା'କୁ କଥା ଦେଇଥିଲ ନା ? ଆଜି ଅଛି ତୁମ ସାଥେ ସାଥେ, କାଲି ବି ରହିବି ସାତ ଜନ୍ମ ଯାଏ।

ହେଲେ ଆଜି ଏ କ'ଣ ହେଲା ?

ତା' ଆଖିରୁ ଲୁହର ବନ୍ୟା ବୁହାଇ, ତା' ଜାଗାରେ ଆଉ କାହାକୁ ଖୁସି ଦେଇ ଗର୍ବ କରୁଛ। ତା' ବିଶ୍ୱାସ ଭରସାକୁ ଚୂର୍ଣ୍ଣ କରି ଶାନ୍ତିରେ ରହିପାରୁଛ ? କେମିତି ପାରୁଛ ତୁମେ ! ଏହା କ'ଣ ତୁମର ମହାନତା ମାନବପଣିଆ ? ସମ୍ପର୍କ କ'ଣ କଣ୍ଢେଇ ଖେଳ ନା ବାଲି ଘର ଆଜି ଗଢ଼ି କାଲି ଭାଙ୍ଗିଦେବ ! ଛଳନାମୟ ମିଛ ସମ୍ପର୍କ କ'ଣ ତିଷ୍ଠିପାରେ, ନା ଗଢ଼ିପାରେ ମଜଭୁତ କରେ ସ୍ୱପ୍ନର ସୌଧ ! କାଗଜଘର ପରି ଝଲକାଏ ପବନରେ ଭୁଶୁଡ଼ିପଡ଼େ ଏହି ମିଛ ଛଳନାର ସ୍ୱପ୍ନର ଘର। ଯେଉଁଠି ନ ଥାଏ ବିଶ୍ୱାସ ନାମକ ଶକ୍ତିର ଦୃଢ଼ପଣ। ତୁମେ ଆଜି ଶ୍ରଦ୍ଧାର ସେହି ବିଶ୍ୱାସ ଶକ୍ତି କୁ ଦୁର୍ବଳ କରି ଭାଙ୍ଗି ଦେଇଛ ସୁମନ୍ !

ପ୍ରକୃତରେ ଆଜିକାଲିର ସମାଜରେ ଏ ଦିଗରେ ଏତେ ବିଶୃଙ୍ଖଳା କାହିଁକି ? ଯାହା କି ଏପରି କରିବା ଉଚିତ୍ ନୁହେଁ, ଏକ ସମ୍ପର୍କ ସହ ଖେଳ ଖେଳି ବିନା କାରଣରେ ଜଣଙ୍କ ବିଶ୍ୱାସ ଭରସାକୁ ଭାଙ୍ଗି ଚୁର୍‌ମାର କରିଦେବା କେତେ ଦୂର ଯଥାର୍ଥତା ? ଯାହା କି ତୁମେ କଲ ସୁମନ, ହଁ କରିବନି ବା କେମିତି ! ଥରେ କୁଆଡ଼େ ଶୁଣିଥିଲା ତୁମର ସେହି ଅତି ଆଦରଣୀୟା, ପାଗେଳୀ ତୁମ ପାଖ ଲୋକ ପାଖରୁ କିଛି କଥା। ହେଲେ ସେଥିପ୍ରତି ଧ୍ୟାନ ଦେଇ ନଥିଲା। ଅନ୍ଧ ପରି ଭଲ ପାଉଥିଲା ତୁମକୁ। ଆଜି କିନ୍ତୁ ସେ ପାଗେଳୀ ବିଶ୍ୱାସ କରୁଛି ଓ ଅନୁଭବ କରୁଛି, ମଧ୍ୟ। ସତରେ, ତୁମେ ତ ବାସ୍ନାୟିତ ଫୁଲ ବଗିଚାରେ ରଙ୍ଗୀନ୍ ପ୍ରଜାପତିଙ୍କ ମେଳରେ ଏକଦମ ପାଗଳ ଭ୍ରମରଟିଏ।

**ଅମ୍ବିକା ସ୍ୱାଇଁ**
ଭୁବନେଶ୍ୱର, ଖୋର୍ଦ୍ଧା

# ଗାଲେ ଟେଷ୍ଟ: ପାଡିକ୍କଲ୍‌ଙ୍କ ୧୬୭ ରନ୍; ରାହୁଲ-ଜୁରେଲ୍‌ଙ୍କ ଅର୍ଦ୍ଧଶତକ

## ଦ୍ୱିତୀୟ ଦିନ ଦୃଢ଼ ସ୍ଥିତିରେ ଭାରତ



ଗାଲେ,(ଏଜେନ୍ସି): ଗାଲେ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଭାରତ ନିଜ ସ୍ଥିତି ସୁଦୃଢ଼ କରିଛି। ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଟିମ୍ ପ୍ରଥମ ଇନିଂସ୍‌ରେ ୯ ୱିକେଟ୍ ହରାଇ ୪୬୦ ରନ୍ କରିଛି। ଷ୍ଟମ୍ପ ବେଳକୁ କୁଲଦୀପ୍ ଯାଦବ ୧୨ ଏବଂ ପ୍ରସିଦ୍ଧ କୃଷ୍ଣା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ବର୍ଷା କାରଣରୁ ଦ୍ୱିତୀୟ ଦିନ କେବଳ ୪୩ ଓଭର୍ ଖେଳ ହୋଇପାରିଛି। ଶନିବାରଠାରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ଭାରତ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ମ୍ୟାଚ୍‌ରେ ଭାରତ ତିନିଜଣ ସ୍ପିନର୍ ଏବଂ ଦୁଇଜଣ ଫାଷ୍ଟ ବୋଲର୍‌ଙ୍କ ସହ ଖେଳୁଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ କେଶରା ନୁୱନ୍ଥା ଟେଷ୍ଟ ଡେବ୍ୟୁ କରିଛନ୍ତି।

ମ୍ୟାଚ୍‌ର ପ୍ରଥମ ଦିନ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଟିମ୍‌ର ନାମରେ ଥିଲା। ଯଶସ୍ୱୀ ଜୟସ୍ୱାଲ୍ (୩୨ ରନ୍) ଏବଂ କେଏଲ୍ ରାହୁଲରେ ୪୭ ରନ୍‌ର ଓପ୍ପିଂ ପାର୍ଟନରଶିପ୍ କରି ଭାରତକୁ ସତର୍କତାମୂଳକ ଆରମ୍ଭ ଦେଇଥିଲେ। ଯଶସ୍ୱୀ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ରନ୍ ଆଉଟ୍ ହେବା ପରେ ଦେବଦତ୍ତ ପାଡିକ୍କଲ୍ କ୍ରିଜ୍‌କୁ ଆସିଥିଲେ। ପାଡିକ୍କଲ୍‌ଙ୍କ ସହ କେଏଲ୍ ରାହୁଲ ଦ୍ୱିତୀୟ ୱିକେଟ୍ ପାଇଁ ୧୬୨ ରନ୍‌ର ଶତକୀୟ ପାର୍ଟନରଶିପ୍ କରିଥିଲେ। ପାଡିକ୍କଲ୍ ନିଜ ଟେଷ୍ଟ କ୍ୟାରିୟର୍‌ର ପ୍ରଥମ ଶତକ ହାସଲ କରିଥିବା ବେଳେ ରାହୁଲ କ୍ରାମ୍ପ କାରଣରୁ ୭୭ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ରିଟାୟର୍ଡ ହର୍ଟ ହୋଇଥିଲେ। କ୍ୟାପଟେନ୍ ଶୁଭମନ ଗିଲ୍‌ଙ୍କ ବ୍ୟାଟ୍ କାମ କରିନଥିଲା ଏବଂ ସେ କେବଳ ୧୬ ରନ୍ କରିପାରିଥିଲେ। ବର୍ଷା ପ୍ରଭାବିତ ପ୍ରଥମ ଦିନ ଖେଳରେ ଭାରତ କେବଳ ଦୁଇଟି ୱିକେଟ୍ ହରାଇ ୨୮୮ ସ୍କୋର୍ କରିଥିଲା।

ଦ୍ୱିତୀୟ ଦିନର ଖେଳ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିଲା। ପ୍ରଥମ ସେସନ୍ ସମ୍ପୂର୍ଣ୍ଣ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ସେସନ୍‌ରେ ମଧ୍ୟ କମ୍ ଓଭର୍‌ର ଖେଳ ସମ୍ଭବ ହୋଇଥିଲା। ଦ୍ୱିତୀୟ ଦିନ ଭାରତୀୟ ଟିମ୍ ପ୍ରଥମେ ଋଷଭ ପନ୍ତ (୩୯ ରନ୍)ଙ୍କ ୱିକେଟ୍ ହରାଇଥିଲା। ସେ ଡେବ୍ୟୁଟାଣ୍ଟ କେଶରା ନୁୱନ୍ଥାଙ୍କ ଶିକାର ହୋଇଥିଲେ। ଏହା ପୂର୍ବରୁ ପାଡିକ୍କଲ୍‌ଙ୍କ ସହ ପନ୍ତ ୭୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ପନ୍ତଙ୍କ ଆଉଟ୍ ପରେ ରାହୁଲ ପୁଣିଥରେ ବ୍ୟାଟିଂ ପାଇଁ ଆସିଥିଲେ ମଧ୍ୟ ନିଜ ସ୍କୋର୍‌ରେ ଅଧିକ ରନ୍ ଯୋଡ଼ିପାରି ନଥିଲେ। ତାଙ୍କୁ ନୁୱନ୍ଥା ଆଉଟ୍ କରିଥିଲେ। ରାହୁଲ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୧୭୫ ବଲ୍‌ରେ ୮୨ ରନ୍ କରି ଫେରିଥିଲେ। ଦେବଦତ୍ତ ପାଡିକ୍କଲ୍‌ଙ୍କ ରୂପେ ଭାରତର ପଞ୍ଚମ ୱିକେଟ୍ ପତନ ଘଟିଥିଲା। ପ୍ରାଭତ ଜୟସୂର୍ଯ୍ୟା ତାଙ୍କୁ ଷ୍ଟମ୍ପ ଆଉଟ୍ କରାଇଥିଲେ। ପାଡିକ୍କଲ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ୨୩୦ ବଲ୍‌ରେ ଚମତ୍କାର ୧୬୭ ରନ୍ କରିଥିଲେ। ରବୀନ୍ଦ୍ର ଜାଡ଼େଜା (୧୩ ରନ୍)ଙ୍କୁ କେଶରା ନୁୱନ୍ଥା ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଧ୍ରୁବ ଜୁରେଲ୍ ଓ ମାନବ ସୁଥାର ସପ୍ତମ ୱିକେଟ୍ ପାଇଁ ୫୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଜୁରେଲ୍ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୬୮ ବଲ୍‌ରେ ୫୧ ରନ୍‌ର ଯୋଗଦାନ ଦେଇଥିଲେ। ମହମ୍ମଦ ସିରଜ୍ (୧୧ ରନ୍) ଓ ମାନବ ସୁଥାର (୨୪ ରନ୍) ୮ମ ଓ ୯ମ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୂର୍ଯ୍ୟା ୪ଟି, କେଶରା ନୁୱନ୍ଥା ୩ଟି ଏବଂ ଅସିଥା ଫର୍ଣ୍ଣାଣ୍ଡୋ ଗୋଟିଏ ୱିକେଟ୍ ନେଇଛନ୍ତି।

# ଭାରତ-ପାକିସ୍ତାନକୁ ପଛରେ ପକାଇଲା ବାଂଲାଦେଶ

ଡାରୱିନ୍,(ଏଜେନ୍ସି): ବାଂଲାଦେଶ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ହରାଇ ଇତିହାସ ରଚିଛି। ଅଷ୍ଟ୍ରେଲିଆ ମାଟିରେ ଏହା ଟିମ୍‌ର ପ୍ରଥମ ଯେଷ୍ଟ ବିଜୟ। ବାଂଲାଦେଶ ୫୭ ରନ୍‌ର ଲକ୍ଷ୍ୟକୁ ଚତୁର୍ଥ ଦିନର ଦ୍ୱିତୀୟ ସେସନ୍‌ରେ ୯ ୱିକେଟ୍ ବାକି ଥାଇ ହାସଲ କରିନେଇଛି। ଏହା ପୂର୍ବରୁ ବାଂଲାଦେଶ ୨୦୦୩ରେ ଅଷ୍ଟ୍ରେଲିଆରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ଦୁଇଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏବେ ୩ ଟେଷ୍ଟ‌ରେ ପ୍ରଥମ ବିଜୟ ହାସଲ କରି ବାଂଲାଦେଶ ଟିମ୍ ଅଷ୍ଟ୍ରେଲିଆରେ ସବୁଠୁ କମ୍ ମ୍ୟାଚ୍‌ରେ ଟେଷ୍ଟ ଜିତିବାରେ ପ୍ରଥମ ଏସୀୟ ଟିମ୍ ହୋଇଛି। ପାକିସ୍ତାନ ୭ ଏବଂ ଭାରତ ୧୨ ଟେଷ୍ଟ‌ରେ ଏହି ଉପଲବ୍ଧି ହାସଲ କରିଥିବା ବେଳେ ଶ୍ରୀଲଙ୍କା ୧୫ ଟେଷ୍ଟ ପରେ ମଧ୍ୟ ବିଜୟ ଅପେକ୍ଷାରେ ରହିଛି।

ବାଂଲାଦେଶର ଐତିହାସିକ ବିଜୟର ହିରୋ ଫାଷ୍ଟ ବୋଲର୍ ହସନ୍ ମହମୁଦ ଏବଂ ଅଲ୍‌ରାଉଣ୍ଡର୍ ମେହଦୀ ହସନ୍ ମିରାଜ ହୋଇଛନ୍ତି। ମହମୁଦ ମ୍ୟାଚ୍‌ରେ ମୋଟ ୯ ୱିକେଟ୍ ନେଇଥିବା ବେଳେ ମିରାଜ ୬୫ ରନ୍ ସହିତ ୫ ୱିକେଟ୍ ମଧ୍ୟ ନିଜ ନାମରେ କରିଛନ୍ତି।

ବାଂଲାଦେଶ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଏହି ଅବସରରେ ଅଷ୍ଟ୍ରେଲୀୟ ଟିମ୍ ୫ ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ବାଂଲାଦେଶ ଦୁଇଟି ମ୍ୟାଚ୍ ଜିତିଛି। ଚଳିତ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୨ ତାରିଖରୁ ମାକେରେ ଖେଳାଯିବ।

ଅଷ୍ଟ୍ରେଲିଆ ଡାରୱିନ୍‌ରେ ଗୁରୁବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇ ମାତ୍ର ୧୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ବାଂଲାଦେଶ ଫାଷ୍ଟ ବୋଲର୍ ହସନ ମହମୁଦ ୬ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୪୨୬ ରନ୍ କରିଥିଲା। ତଞ୍ଜିଦ୍ ହସନ୍ ୧୦୧ ରନ୍‌ର ଚମତ୍କାର ଇନିଂସ୍ ଖେଳିଥିଲେ। ଏହା ଅଷ୍ଟ୍ରେଲିଆ ମାଟିରେ କୌଣସି ବାଂଲାଦେଶ ବ୍ୟାଟର୍‌ଙ୍କ ପ୍ରଥମ ଟେଷ୍ଟ ଶତକ ଥିଲା। ନଜମୁଲ୍ ହୁସେନ୍ ଶାନ୍ତୋ ୮୪ ଓ ମେହଦୀ ହସନ୍ ମୀରଜ ୬୫ ରନ୍ କରିଥିଲେ। ପ୍ରଥମ ଇନିଂସ୍ ଆଧାରରେ ବାଂଲାଦେଶ ୨୨୮ ରନ୍‌ର ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ୨୮୪ ରନ୍‌ରେ ଅଲ୍‌ଆଉଟ୍ ହେବା ସହିତ ବାଂଲାଦେଶ ଆଗରେ ୫୭ ରନ୍‌ର ଲକ୍ଷ୍ୟ ରଖିଥିଲା, ଯାହାକୁ ବାଂଲାଦେଶ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଛି।

# ବିଜୟରୁ ଭାରତର ଅଭିଯାନ

ଆମଷ୍ଟେଲ୍‌ଭିନ୍,(ଏଜେନ୍ସି): ଏଫ୍‌ଆଇଏଚ୍ ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ହକି ଟିମ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଟିମ୍ ପ୍ରଥମ ମ୍ୟାଚ୍‌ରେ ୱେଲ୍ସକୁ ୩-୧ ଗୋଲ୍‌ରେ ହରାଇ ଦେଇଛି। ଭାରତର ବିଜୟରେ କ୍ୟାପ୍‌ଟେନ୍ ହରମନପ୍ରୀତ୍ ସିଂହ ପ୍ରମୁଖ ଭୂମିକା ତୁଲାଇବା ସହିତ ଦୁଇଟି ଗୋଲ୍ କରିଛନ୍ତି। ସ୍ଥାନୀ ୱେଗନର୍ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ର ୭ମ ମିନିଟ୍‌ରେ ସୁମିତ ପେନାଲ୍ଟି କର୍ଣ୍ଣର୍‌ରୁ ଗୋଲ୍‌କରି ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଏହାର ତିନି ମିନିଟ୍ ପରେ କ୍ୟାପଟେନ୍ ହରମନପ୍ରୀତ୍ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରିବା ସହିତ ପ୍ରଥମ କ୍ୱାର୍ଟର୍‌ରେ ୨-୦ର ଅଗ୍ରଣୀ ସହିତ ଭାରତର ସ୍ଥିତି ମଜଭୁତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର୍‌ରେ କୌଣସି ଗୋଲ୍ ହୋଇନଥିବା ବେଳେ ତୃତୀୟ କ୍ୱାର୍ଟର୍‌ରେ ୪୨ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ହରମନପ୍ରୀତ୍ ଗୋଲ୍‌ରେ ପରିବର୍ତ୍ତିତ କରି ଭାରତର ଅଗ୍ରଣୀ ୩-୧ କରିଥିଲେ। କ୍ୱାର୍ଟର୍ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ରହିଥିଲା। ଚତୁର୍ଥ କ୍ୱାର୍ଟର୍‌ରେ ୱେଲ୍ସ ପ୍ରତ୍ୟାବର୍ତ୍ତ ପାଇଁ ଜୋରଦାର ଉଦ୍ୟମ କରି ୫୩ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲା। କିନ୍ତୁ ଭାରତୀୟ ଡିଫେନ୍ସ ଏହା ସଫଳ ହେବାକୁ ଦେଇନଥିଲା।

## ପ୍ରଥମ ଛୁଆଁ



କମଳ ପଲ୍ଲବେ ସଲିଳ ମୁକୁତା
ଅଧରରେ ମଧୁ ଝରାଇ ବସି
ନୟନେ କଜ୍ଜ୍ୱଳ ପୂରିତ ଭ୍ରମର
ଚନ୍ଦ୍ର ବଦନିତୁ ରେଶମି କେଶୀ।
ବକ୍ଷ ଧାରେ ପଡ଼ି ମୁକୁଳା ତ କେଶ
ଶୋଭାପାଏ ତୋର ଅରୂପା ବେଶ
ଭୃଲତାର ଢଙ୍ଗ ମହିନି ତୋ ହସ
କରିନେଲା ମୋତେ ତୋହରି ବସ।
ସମ୍ଭାଳି ନପାରି ଦେଖି ତୁମ ରୂପ
ମୁକୁଳା କେଶକୁ ଅପ୍ସରା ବେଶ
ଛୁଇଁବାକୁ ହେଲା ମନମୋ ବ୍ୟାକୁଳ
ଶରୀର ଚାହିଁଲା ତୁମ ପରଶ।
କମଳ ଦଳରୁ ଝରିଲା ସଲିଳ
ଓଠରୁ ଝରିଲା ମଧୂପରସ
ରହିନପାରିଲ ଆଲିଙ୍ଗନ କଲ
ପାନକଲ ହସି ଯୌବନ ରସ।
କୁଆଁରୀ ଦେହକୁ ସମର୍ପିତ କଲ
ଚୁମ୍ବିଦେଇ ଗଲ ଓଠକୁ ମୋର
କାମନାର ବାସ ମହକି ଉଠିଲା
ଏକ ହୋଇଗଲା ଦୁଇ ଶରୀର।
ଘର୍ମ ଝରି ଦେହ ଭିଜିଗଲା ସିନା
ଶାନ୍ତ ହେଲାନାହିଁ ଯୌବନ ନିଆଁ
ପୁଣି ଥରେ ତୁମ ବକ୍ଷୋଜକୁ ଚୁମ୍ବି
ଶରୀର ଭିତରେ ଶରୀର ଛୁଆଁ।
ଶାନ୍ତ ହେଇଗଲା କ୍ଷଣିକ ପାଇଁ ସେ
ମହକିଲା ଝରି ପୀରତି ବାସ
ନିଇତି ଖୋଜିଲା ତୁମ ପରଶ ସେ
ନିଶି ସାନ୍ଧ୍ୟ ଅବା ହେଉ ଦିବସ

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ମୋ: ୯୭୭୬୪୫୬୪୮୭

## ତୁମକୁ ପ୍ରଣାମ

ହେ ଅଗଷ୍ଟ ପ୍ରଣାମ ତୁମକୁ
ତୁମେ ହିଁ ଆଣିଛ ଆମପାଇଁ ନୂତନ ଜଗତ
ଧରାପୃଷ୍ଠେ ଜଗାଇଛ ନୂତନ ସ୍ପନ୍ଦନ
ବିବର୍ତ୍ତନ ଧାରାକୁ ଆଉପାଦେ ନେବାପାଇଁ
ଆବାହନ କରିଛ ହେ ଦେବଶିଶୁ ବିଶ୍ୱେ
ସେ ଦିନର ସେହି ଶିଶୁ ଆଜି ଆମ ମୁକ୍ତି ବାର୍ତ୍ତାବହ।
ମାନବର ଉତ୍ତରଣ କରିବାକୁ ନିଜକୁ ଉତ୍ସର୍ଗ କରି
ସ୍ୱଶରୀରେ ଉତ୍ତାରିଲେ ବିଜ୍ଞାନ ଚେତନା
ସେହି ଯେ ଦିବ୍ୟ ଶକ୍ତି ଅତିମାନସ ଚେତନା ।
ରୂପାନ୍ତର କରିବ ସେ ଶରୀର ପ୍ରାଣ ମନ
ପ୍ରକାଶିତ ହେବେ ସେହି ସତ୍ ଚିତ୍ ଆନନ୍ଦ
ମୃତ୍ୟୁକୁ ବିଜୟ କରି ସ୍ଥାପିବ ଅମରତ୍ୱ
ଘୃଣାକୁ ପ୍ରଶମ କରି ଆରମ୍ଭିବ ପ୍ରେମର ବାରତା
ଅଜ୍ଞାନ ଦୂରେଇ ଦେଇ ରୋପିବ ସେ ଦିବ୍ୟଜ୍ଞାନ
ତେବେ ଯାଇ ପରମଙ୍କ ହେବ ଇଛାର ପୂରଣ
ପୂର୍ଣ୍ଣତାର ପଥ କରିଛ ଅର୍ପଣ
ଏସବୁ ପାଇଁ ତୁମ ପାଶେ ଆମେ ସଦା କୃତଜ୍ଞ।
ହେ ଅଗଷ୍ଟ ! ନିଅ ଆମ କୋଟି ନମସ୍କାର
ତୁମ ଦାନେ କାଳବକ୍ଷେ ହେଲୁ ହେ ନିସ୍ତାର।

**ରମାକାନ୍ତ ନନ୍ଦ**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

## ମୃତ୍ୟୁ ତୁମେ

ମୃତ୍ୟୁ ତୁମେ କେବେ ଆସ
ମିଶି ଅନେକ କଥା ହୁଅନ୍ତେ
ତମେ ତମ କଥା କୁହନ୍ତ
ଆଉ ମୁଁ ମୋ କଥା କହନ୍ତି
ମିଳିମିଶି ସୁଖଦୁଃଖ ବାଣ୍ଟନ୍ତେ
ମୃତ୍ୟୁ ତୁମେ କେବେ ଆସ
ମିଶି ଅନେକ କଥା ହୁଅନ୍ତେ।
ତମେ ତମ ଆସିବାର କାରଣ କୁହନ୍ତ
ମୁଁ ତୁମ ପାଖକୁ ଯିବାର କାରଣ କୁହନ୍ତି
ତମେ ତମ ହସଖୁସିର କାହାଣୀ କୁହନ୍ତ
ମୁଁ ମୋ ଦୁଃଖଯାତନାର କାହାଣୀ ଶୁଣାନ୍ତି
ତମେ ମୋ ମୁହଁକୁ ଚାହାନ୍ତ,
ମୁଁ ତୁମ ମୁହଁକୁ ଚାହାନ୍ତି
ଦୁହେଁ ଦୁହିଁଙ୍କ ହାତଧରି ବସିପଡ଼ନ୍ତେ
ମୃତ୍ୟୁ ତୁମେ କେବେ ଆସ
ମିଶି ଅନେକ କଥା ହୁଅନ୍ତେ।
ମୁଁ ତୁମକୁ ଅନେକ ପ୍ରତିବାଦର ପ୍ରତି ଉତ୍ତର ମାଗନ୍ତି
ତମେ ଠିକ୍‌ଠିକ୍‌ରେ ତା'ର ଉତ୍ତର ଦିଅନ୍ତ
ତମେ ଅଭିମାନ କଲେ ମୁଁ ଅନୁରକ୍ତେ ମନାନ୍ତି
ମତେ ପାପପୁଣ୍ୟର ଫରକ ଶିଖାଇଦିଅନ୍ତ
ମୋର ଭୁଲ୍ ସୁଧାରିବାର ସୁଯୋଗ ପାଇଯାଆନ୍ତି
ମୃତ୍ୟୁ ତୁମେ କେବେ ଆସ
ମିଶି ଅନେକ କଥା ହୁଅନ୍ତେ।
ତୁମକୁ କେହି ଦେଖିପାରନ୍ତି ନାହିଁ କାହିଁକି
ତମେ ଲୁଚି ଛପି ମନଇଛା ଆସ କାହିଁକି
କେବେ ଖବର ପଠେଇ ଆସିନାହଁ କାହିଁକି
ପୁଣି ବାସସ୍ଥାନ ଥାଏ ଯଦି
ତୁମେ ରୁହ ପୁଣି କେଉଁଠି
ମିଳିମିଶି ଉତ୍ତର ରଖନ୍ତେ
ମୃତ୍ୟୁ ତୁମେ କେବେ ଆସ
ମିଶି ଅନେକ କଥା ହୁଅନ୍ତେ।
ମତେ ତୁମ ଶାନ୍ତବନ ବୁଲାଇ ନିଅନ୍ତ
ଆଉ ସ୍ୱର୍ଗନର୍କ ବୁଲାଇ ଦେଖାନ୍ତ
ମୁଁ ତୁମକୁ ବୁଝନ୍ତୁ ତମେ ମତେ ବୁଝନ୍ତ
ଦୁହେଁ ଭୂତ ଭବିଷ୍ୟ କଥା ହୁଅନ୍ତେ
ଆଉ ଭଲମନ୍ଦର ପରିଭାଷା ବୁଝନ୍ତେ।

**ଜଗନ ପାଳ**
ଚାରିମାଢିଆ, ବନ୍ଦାଳା, ବାଙ୍କୀ, କଟକ

ଜାତୀୟ ଚେତନା
JATIYA CHETANA



## ପସନ୍ଦ ଆସୁଛି ଟ୍ରେଲର

୨୦୦୬ ମସିହାରେ ବକ୍ସ ଅଫିସ୍‌ରେ ହଲଚଲ ସୃଷ୍ଟି କରିଥିବା ଅତ୍ୟନ୍ତ ଆବେଗପୂର୍ଣ୍ଣ ତଥା ରୋମାଣ୍ଟିକ-ଆକ୍ସନ୍ ଫିଲ୍ମ 'ଆୱାରାପନ୍'ର ବହୁପ୍ରତୀକ୍ଷିତ ସିକ୍ୱେଲ 'ଆୱାରାପନ୍ ୨' ଆଗାମୀ ଅଗଷ୍ଟ ୨୪ ତାରିଖରେ ସାରା ଦେଶର ପ୍ରେକ୍ଷାଳୟଗୁଡ଼ିକରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମ ରିଲିଜ୍ ପୂର୍ବରୁ ନିକଟରେ ନିର୍ମାତାଙ୍କ ପକ୍ଷରୁ ଏହାର ଅଫିସିଆଲ୍ ଟ୍ରେଲର୍ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହି ନୂଆ ଟ୍ରେଲର୍‌ରେ ବଲିଉଡ ଅଭିନେତା ଇମ୍ରାନ୍ ହାସମୀ ନିଜର ପ୍ରସିଦ୍ଧ 'ଶିବମ୍' ଚରିତ୍ର ମାଧ୍ୟମରେ ପୁନର୍ବାର ଆବିର୍ଭୂତ ହୋଇଛନ୍ତି। ତେବେ ଏଥର ତାଙ୍କ ଚରିତ୍ରରେ କେବଳ ଆବେଗ ନୁହେଁ, ବରଂ ଗଭୀର କ୍ରୋଧ ଏବଂ ଗୋଟିଏ ପରେ ଗୋଟିଏ ରୋମାଞ୍ଚକର ଆକ୍ସନ୍ ସିନ୍‌ର ଜବରଦସ୍ତ ସଂଯୋଗ ଦେଖିବାକୁ ମିଳୁଛି। ନିତିନ୍ କାକ୍କଡ଼ଙ୍କ ନିର୍ଦ୍ଦେଶନା, ବିଲାଲ୍ ସିଦ୍ଦିକିଙ୍କ କାହାଣୀ ଏବଂ ରାଜୁ ସିଂହଙ୍କ ଜବରଦସ୍ତ ପୃଷ୍ଠଭୂମି ସଙ୍ଗୀତରେ ସଜ୍ଜିତ ଏହି ଆକ୍ସନ୍-ଏଣ୍ଟରଟେନର୍‌ରେ ଇମ୍ରାନ୍‌ଙ୍କ ବ୍ୟତୀତ ଦିଶା ପାଟନୀ, ଶବାନା ଆଜମୀ, ସୁନିଲ ଶେଟ୍ଟୀ, ବିଜେନ୍ଦ୍ର କୋହଲି, ଅତୁଲ କୁମାର, ଅନିରୁଦ୍ଧ ରାୱଲ୍ ଓ ପୂରଣ ଗଡ୍ଢୋକି ଭଳି ଜଣାଶୁଣା କଳାକାରମାନେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ୨୦୦୬ର ମୂଳ 'ଆୱାରାପନ୍' ଫିଲ୍ମଟି ଏହାର ହୃଦୟସ୍ପର୍ଶୀ ଗୀତ ଏବଂ କାହାଣୀ ପାଇଁ ଆଜି ବି ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅନ୍ୟ ପଟେ ଇମ୍ରାନ୍ ହାସମୀ ଆଗାମୀ ଦିନରେ ଅଦିତି ରାଓ ହାଇଦରୀ, ଭୂମିକା ଗୋଏଲ୍ ଓ ମାଧୁ ଶାଲିନୀଙ୍କ ସହ ଷ୍ଟାର୍ ଆକ୍ସନ ଥ୍ରୀଲର୍ 'ଜିଓ' ଏବଂ ମ୍ୟୁଜିକାଲ୍ ହରର ଫିଲ୍ମ 'ଗ୍ରହ'ରେ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ।



## ପରାମର୍ଶ ଦେବା ଜରୁରୀ ଥିଲା

ଅଭିନେତ୍ରୀ ଜନ୍ନତ ଜୁବୈର ନିକଟରେ ଏକ ସାକ୍ଷାତକାରରେ ନିଜ ବାନ୍ଧବୀ ଶିବଙ୍ଗୀ ଯୋଶୀଙ୍କୁ ସମର୍ଥନ କରିବା ନେଇ ଖୋଲାଖୋଲି ଆଲୋଚନା କରିଛନ୍ତି। ଶୋ' ଭିତରେ ଶିବଙ୍ଗୀ ଓ ହର୍ଷଦ ଚୋପଡ଼ାଙ୍କ ନାମ ଯୋଡ଼ାଯିବା ଏବଂ ବାହାରେ ଏହାର ଭୁଲ୍ ବାର୍ତ୍ତା ଯିବା ନେଇ ଜନ୍ନତ, ଶିବଙ୍ଗୀଙ୍କୁ ସଚେତନ କରାଇଥିଲେ। ଏହି ମାମଲାରେ ଜନ୍ନତ କହିଛନ୍ତି ଯେ, ଏହା ଏକ କ୍ୟାପ୍ଟିଭ୍ ରିଆଲିଟି ଶୋ' ହୋଇଥିବାରୁ ପ୍ରତିଯୋଗୀମାନେ ୨୪ ଘଣ୍ଟା ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହିଥାନ୍ତି ଏବଂ ଏଡିଟିଂ ପରେ ବାହାରେ ଦର୍ଶକଙ୍କୁ କ'ଣ ଦେଖାଯାଉଛି ସେ ବିଷୟରେ ସେମାନେ ଅଜ୍ଞ ଥାଆନ୍ତି। ତେଣୁ ଶୋ'ରୁ ବାହାରିବା ପରେ ଶିବଙ୍ଗୀ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଭ୍ରମାତ୍ମକ ଧାରଣାର ସାମ୍ନା ନକରନ୍ତି, ସେଥିପାଇଁ ତାଙ୍କୁ କିଛି ନିର୍ଦ୍ଦିଷ୍ଟ ସୀମା ବଜାୟ ରଖିବାକୁ ପରାମର୍ଶ ଦେବା ତାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଥିଲା।



## ଓଡ଼ିଆ ସିନେମାରେ ଅଭିନୟ କରିବେ ବଲିଉଡ ଅଭିନେତା ସଞ୍ଜୟ ମିଶ୍ରା

ବଲିଉଡର ଅଭିଜ୍ଞ ତଥା ଲୋକପ୍ରିୟ ଅଭିନେତା ସଞ୍ଜୟ ମିଶ୍ରା ପ୍ରଥମ ଥର ପାଇଁ ଓଡ଼ିଆ ସିନେମା ଜଗତରେ ପାଦ ଥାପିବାକୁ ଯାଉଛନ୍ତି। ଆଗାମୀ ଦଶହରା ପୂଜା ବଜାରରେ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ସିନେମା 'ମଧୁମାଳତୀ' ମାଧ୍ୟମରେ ସେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଏହି ଚଳଚ୍ଚିତ୍ରର ଶୁଟିଂ ପାଇଁ ସେ ଭୁବନେଶ୍ୱରରେ ପହଞ୍ଚିସାରିଛନ୍ତି। ଓଡ଼ିଶା ମାଟିରେ ପାଦ ଦେଇ ସେ ଜୟ ଜଗନ୍ନାଥ ସ୍ମରଣ କରିବା ସହ ଓଡ଼ିଆ ଭାଷାରେ କାମ କରିବା ତାଙ୍କ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ନୂଆ ହୋଇଥିଲେ ସୁଦ୍ଧା ଏଠାକାର ଦର୍ଶକମାନେ ତାଙ୍କ କାମକୁ ଆଦରର ସହ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପୂର୍ବରୁ ଓଡ଼ିଆ ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କ 'କଡ଼ବୀ ହୱା' ଚଳଚ୍ଚିତ୍ରରେ ଅଭିନୟ କରି ସେ ବିଶ୍ୱ ସ୍ତରରେ ପ୍ରଶଂସା ଓ ସମ୍ମାନ ସାଉଁଟିଥିଲେ। ଏବେ ଏହି ନୂଆ ଓଡ଼ିଆ ସିନେମା ଜରିଆରେ ସେ ପୁଣି ଥରେ ଦର୍ଶକଙ୍କ ମନ ଜିଣିବାକୁ ପ୍ରସ୍ତୁତ।

ଏହି ଚଳଚ୍ଚିତ୍ରର କାହାଣୀରେ ଅତୀତ ଓ ବର୍ତ୍ତମାନର ଏକ ସୁନ୍ଦର ସମାହାର ଦେଖିବାକୁ ମିଳିବ। ବିଶେଷ କରି ଅଶୀ ଓ ନବେ ଦଶକର ପ୍ରେମ ଓ ରୋମାଞ୍ଚକୁ ଏଥିରେ ଅତ୍ୟନ୍ତ ନିଖୁଣ ଭାବେ ଉପସ୍ଥାପିତ କରାଯାଇଛି। ଅତୀତ ନଥିଲେ ବର୍ତ୍ତମାନର କୌଣସି ମୂଲ୍ୟ ନାହିଁ ଏବଂ ବର୍ତ୍ତମାନକୁ ଆଧାର କରି ହିଁ ଭବିଷ୍ୟତର ପରିକଳ୍ପନା ସମ୍ଭବ, ଏହି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ସିନେମାର ମୂଳ ଭିତ୍ତିଭୂମି ସାଜିଛି। ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ପରିଡ଼ାଙ୍କ ନିର୍ଦ୍ଦେଶନା ଏବଂ ପ୍ରିୟବ୍ରତ ପଣ୍ଡାଙ୍କ ଲେଖନୀରେ ଶାଣିତ ଏହି କାହାଣୀଟିକୁ ପ୍ରଯୋଜକ ସଚ୍ଚିକାନ୍ତ ଜେନା ପରଦାକୁ ଆଣୁଛନ୍ତି।

ଚଳଚ୍ଚିତ୍ରରେ ସଞ୍ଜୟ ମିଶ୍ରାଙ୍କ ସହ ଓଲିଉଡର ବରିଷ୍ଠ ତଥା ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ମୁଖ୍ୟ ବିପକ୍ଷ ଭୂମିକାରେ ନଜର ଆସିବେ। ଏହି ଦୁଇ ଦିଗ୍ଗଜ କଳାକାରଙ୍କ ସହ ଅଭିନେତ୍ରୀ ଭୂମିକା ଦାଶ, ଅଭିନେତା ଆକାଶ ହୋତା, ସନୋଜ କୁମାର ଓ ପ୍ରଜ୍ଞା ମିଶ୍ରଙ୍କ ଭଳି ପ୍ରତିଭାବାନ କଳାକାରମାନଙ୍କୁ ପ୍ରମୁଖ ଚରିତ୍ରରେ ଦେଖିବାକୁ ମିଳିବ। ପ୍ରାୟ ପନ୍ଦର ଦିନ ଧରି ଓଡ଼ିଶାର ବିଭିନ୍ନ ମନୋରମ ସ୍ଥାନରେ ଏହାର ଶୁଟିଂ ଚାଲିବ। ଏହି ସୁଟିଂ ସମୟରେ ସଞ୍ଜୟ ମିଶ୍ରା ଶ୍ରୀଲିଙ୍ଗରାଜ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ଯୋଜନା ମଧ୍ୟ ରଖିଛନ୍ତି। ଏହିଭଳି ଏକ ଭିନ୍ନ ସ୍ୱାଦର କାହାଣୀ ଓ ତାରକା ସଜ୍ଜିତ ସିନେମା ଦଶହରାରେ ଦର୍ଶକଙ୍କୁ ଏକ ନୂଆ ମନୋରଞ୍ଜନର ଖୋରାକ ଯୋଗାଇବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ